

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୦ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 May 2026
Vol.No. 36 ■ No.122 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଆଜି ତାମିଲନାଡୁରେ 'ବିଜୟ' ତିଳକ

ନୂଆଦିଲ୍ଲୀ,୦୯/୫ : ଖୁସି ମଉଜ..ନାଚଗୀତ..ବାଜା ବାଣ । ମିଠା ଖୁଆଇ ଖୁସି ମନାଉଛନ୍ତି ଟିଭିକେ ସମର୍ଥକ । ସେପଟେ ଭିସିକେ କାର୍ଯ୍ୟାଳୟ ଆଗରେ ବି ଥଳକୂଳ ମାନୁନି ଉତ୍ସାହ । ନିର୍ବାଚନ ଫଳ ଘୋଷଣାର ୪ ଦିନ ପରେ ବି, ତାମିଲନାଡୁର ସର୍ବବୃହତ ଦଳ ଭାବେ ଉଭା ହୋଇଥିବା ଥାଲାପତି ବିଜୟଙ୍କ ଟିଭିକେ ସରକାର ଗଢ଼ିବ କି ନାହିଁ, ଅନିଶ୍ଚିତତା ଦେଖାଦେଇଥିଲା । କର୍ମୀଙ୍କ ଉତ୍ସାହ ଭାଙ୍ଗି ଦେଉଥିଲା ରାଜ୍ୟପାଳଙ୍କ ପ୍ରତ୍ୟାଖ୍ୟାନ । କଂଗ୍ରେସ, ସିପିଆଇ ଓ ସିପିଏମ୍ ସମର୍ଥନ ଘୋଷଣା କରିଥିଲେ ବି ଭିସିକେ ପାଖରେ ଝୁଲିଥିଲା ଅଙ୍କ । ତେବେ ଆଜି ଟିଭିକେକୁ ଭିସିକେ ନିଃସର୍ତ୍ତ ସମର୍ଥନ ଘୋଷଣା ପରେ ମ୍ୟାଜିକ୍ ନମ୍ବର ୧୧୮ ହାସଲ କରିଛନ୍ତି ବିଜୟ ।



କେବଳ ଏତିକି ନୁହେଁ, ଶେଷ ମୁହୂର୍ତ୍ତରେ ଓଟଗଖ ବି ସମର୍ଥନର ହାତ ବଢ଼ାଇବା ପରେ ବିଜୟଙ୍କ ବଳ ୧୨୧କୁ ବଢ଼ିଛି । ବୁଧବାର.. ଗୁରୁବାର.. ଶୁକ୍ରବାର । ଗତ ୩ ଦିନରେ ୩ ଥର ରାଜ୍ୟପାଳଙ୍କୁ ଭେଟି ସରକାର ଗଢ଼ିବାକୁ ଦାବି ଜଣାଇଥିଲେ ବିଜୟ । ହେଲେ ପ୍ରତିଥର ସଂଖ୍ୟା ଗରିଷ୍ଠତା ପ୍ରତି ସନ୍ଦେହ ପ୍ରକାଶ କରି ତାଙ୍କୁ ଫେରାଇ ଦେଇଥିଲେ ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର । ଯାହା ଫଳରେ ବିଜୟଙ୍କ ସରକାର ଗଠନ ସମ୍ଭାବନାକୁ ଲାଗି ରହିଥିଲେ ଅନିଶ୍ଚିତତା । ମେ ୫ରେ ରାଜ୍ୟପାଳ ତାମିଲାନାଡୁର ଷୋଡ଼ଶ ବିଧାନସଭା ଭଙ୍ଗ କରିଥିବା ବେଳେ ଆଜି ବିଜୟ ସଂଖ୍ୟାଗରିଷ୍ଠତା ଦେଇନପାରିଲେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବାର ଆଶଙ୍କା ଦେଖାଦେଇଥିଲା । ଶଙ୍କାରେ ଥିଲେ ସମର୍ଥକ, ସମର୍ଥନ ଜୁଟାଇବାରେ ଲାଗିପଡ଼ିଥିଲେ ବିଜୟ । ସ୍ଥିତି ଏପରି ଉପୁଜିଥିଲା ଯେ, ଆଜି ଜଣେ ଟିଭିକେ ସମର୍ଥକ ଆତ୍ମାହୂତି ଉଦ୍ୟମ କରିଥିଲେ । ଏତେ ସବୁ ରାଜନୈତିକ ହଟଚମଟ ଭିତରେ ଉଭୟ ଡିଏମ୍‌କେ ଓ ଇଓଇଉଗକକୁ ଲାଗିଛି ଝଟ୍‌କା । ଗୋଟିଏ ପଟେ କଂଗ୍ରେସକୁ ହରାଇ ଡିଏମ୍‌କେ ଏକୁଟିଆ ହୋଇଯାଇଥିବା ବେଳେ ଇଓଇଉଗକର କିଛି ବିଧାୟକ ଟିଭିକେକୁ ସମର୍ଥନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । କିଛି ଇଓଇଉଗକ ନେତା ରିସର୍ଟରୁ ଫେରି ବରିଷ୍ଠ ନେତା ସିଭି ଶନମୁଗମ୍‌ଙ୍କ ଘରେ ଏକାଠି ହେବା ପରେ ଏହି ଆକଳନ କରାଯାଉଛି ।

# କଂଗ୍ରେସ ବ୍ୟତୀତ ଅନ୍ୟ କୌଣସି ଦଳ ବିଜେପି କିମ୍ବା ନରେନ୍ଦ୍ର ମୋଦୀଙ୍କୁ ହରାଇ ପାରିବ ନାହିଁ: ରାହୁଲ

ନୂଆଦିଲ୍ଲୀ,୦୯/୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିର କ୍ରମବର୍ଦ୍ଧିତ ଶକ୍ତି ତଥା ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ହାସଲ କରିବା ପରେ ବିରୋଧୀ ଦଳଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ପରି ଜଣାପଡୁଛନ୍ତି । ବିଶେଷ କରି ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ତାମିଲନାଡୁରେ ଡିଏମ୍‌କେର ପରାଜୟ ପରେ ବିରୋଧୀ ଇଣ୍ଡି ମେଣ୍ଟ ପୂର୍ବାପେକ୍ଷା ଅଧିକ ଦୁର୍ବଳ ମନେ ହେଉଛନ୍ତି । ତାମିଲନାଡୁରେ ବିଜୟଙ୍କ ଟିଭିକେ ସବୁଠୁ ବଡ଼ ଦଳ ଭାବେ ଉଭା ହେବା ପରେ ରାଜନୈତିକ ଦୃଶ୍ୟପଟ୍ଟରେ ବଡ଼ ପରିବର୍ତ୍ତନ ଦେଖାଯାଇଥିଲା । କଂଗ୍ରେସ ପୁରୁଣା ସହଯୋଗୀ ଦଳର ହାତ ଛାଡ଼ି ବିଜୟଙ୍କ ଟିଭିକେକୁ ତୁରନ୍ତ ସମର୍ଥନ



ଜଣାଇଥିଲା । କଂଗ୍ରେସର ଏହି ପଦକ୍ଷେପ ଇଣ୍ଡିମେଣ୍ଟରେ ଫାଟ ସୃଷ୍ଟି କରିଥିଲା । ଡିଏମ୍‌କେ ଏହାକୁ ତୀବ୍ର ବିରୋଧ କରି କଂଗ୍ରେସ ବିଶ୍ୱାସଘାତକତା କରିଥିବା କହିଛି । ଅନ୍ୟପକ୍ଷରେ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନକୁ ଆଉ ୧୦ ମାସ ରହିଛି । ଏପରି ଦୃଶ୍ୟପଟ୍ଟ ଭିତରେ ଶୁକ୍ରବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ କ୍ଷୁଦ୍ର ଭିଡିଓ ପୋଷ୍ଟ କରି ଯାହା ଦାବି କରିଛନ୍ତି, ତାହା ଅନେକ ପ୍ରଶ୍ନର ଗୋଟିଏ ଜବାବ ପରି ଥିଲା । ରାହୁଲ ପୋଷ୍ଟରେ କହିଥିଲେ ଯେ, ଲେଖିକି ରଖ, ଅନ୍ୟ କୌଣସି ଦଳ ବିଜେପି କିମ୍ବା ନରେନ୍ଦ୍ର ମୋଦୀଙ୍କୁ ହରାଇ ପାରିବ ନାହିଁ । କେବଳ କଂଗ୍ରେସ ହିଁ ହରାଇପାରିବ ।

◆◆ପୃଷ୍ଠା ୭

# ରାଜ୍ୟରେ ପ୍ରତିଷ୍ଠା ହେବ ୭ଟି ମହିଳା ଫାଷ୍ଟଟ୍ରାକ୍ ଏବଂ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ




ଭୁବନେଶ୍ୱର, ୦୯/୫ (ନି.ପ୍ର): ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି । ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ) ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଏଥି ପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ । ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଞ୍ଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ

◆◆ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ, ପୁଲିସ ଡିଜିଙ୍କ ଉପରେ ବର୍ଷିଲେ: ବାଲିଅନ୍ତା ଜିଆରପି କନେଷ୍ଟବଳ ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୦୯/୫ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳାର ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷୁବ୍ଧ । ବାଲିଅନ୍ତାରେ ଜିଆରପି କନେଷ୍ଟବଳଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଉଦବେଗ ବ୍ୟକ୍ତ କରିବା ସହ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ପୁଲିସ ଡିଜି ୱାଇବି ଖୁରାନିଆଙ୍କୁ ତାଗିଦ୍ କରି କଡ଼ା ଭାଷାରେ ବର୍ଷିଥିବା ଜଣାପଡ଼ିଛି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ପୁଲିସକୁ



ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋଲକାତାରେ ବିଜେପି ସରକାରର ଶପଥ ସମାରୋହ ଉତ୍ସବରେ ସାମିଲ ହୋଇ ଫେରିବା ପରେ ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଜରୁରୀ ଉଚ୍ଚସ୍ତରୀୟ ବୈଠକ ଡାକି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି । ବୈଠକରେ ରାଜ୍ୟରେ ବଢ଼ୁଥିବା ଅମାନବୀୟ ନୃଶଂସ ହତ୍ୟା ଓ ଅପରାଧ ଘଟଣାକୁ ନେଇ ଉଦବେଗ ବ୍ୟକ୍ତ କରିବା ସହ ପୁଲିସ ପ୍ରଶାସନର ଶିଥିଳତା ଉପରେ ବର୍ଷିଥିବା ସୂଚନା ମିଳିଛି । ସୂତ୍ର ଅନୁସାରେ, ବୈଠକରେ ପୁଲିସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ତୁଳନାତ୍ମକ ଅପରାଧର ତଥ୍ୟ ପ୍ରଦାନ କରାଯାଇଥିଲେ ମଧ୍ୟ କେଉଁ କାରଣ

◆◆ପୃଷ୍ଠା ୭

## ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସମ୍ଭାବନା

ଭୁବନେଶ୍ୱର, ୦୯/୫ (ନି.ପ୍ର): ଗରମ ଗୁଳୁଗୁଳି ଭିତରେ ଆସୁଛି ବର୍ଷା । ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି । ୧୧ ତାରିଖ ବେଳକୁ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ । ତେବେ ଏହା କେଉଁ ଦିଗରେ ଗତି କରିବ ଓ ପ୍ରଭାବ କ'ଣ ରହିବ ତାହା ଏଯାଏ ସ୍ପଷ୍ଟ ହୋଇନି । ଅନ୍ୟପଟେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ନେଇ ଭିନ୍ନ ଭିନ୍ନ ମଡେଲ ଆକଳନ କରିଛନ୍ତି । ଏହା ଭିତରେ ମନ୍ନାର ଉପସାଗର ଏବଂ ସମୀବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ପ୍ରାୟ ୫.୮ କି.ମି. ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏପଟେ ଆଜି ବି ରାଜ୍ୟରେ ତାଉ ଦେଖାଇଛି ତାତି ।

# ସମାଧାନ ଆଡକୁ ଯାଉଛି ମହାନଦୀ ଜଳ ବିବାଦ : ଏଜି

ଭୁବନେଶ୍ୱର, ୦୯/୫ (ନି.ପ୍ର): ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦ ସମାଧାନ ଆଡକୁ ଯାଉଛି ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀ ବିବାଦ ଆଉ ଜଟିଳ ନାହିଁ, ସମାଧାନ ଆଡ଼କୁ ଯାଉଛି । ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଦେଇ ବିବାଦର ସମାଧାନ ପାଇଁ ଉଦ୍ୟମ ହୋଇଛି । ମହାନଦୀରେ ଜଳ ରାଶି କେତେ ତାକୁ ନେଇ ରିପୋର୍ଟ ଦାଖଲ ହୋଇଛି । ୨ ରାଜ୍ୟର ଯନ୍ତ୍ରୀ ୧୫ ଥର ବୈଠକ କରି ତଥ୍ୟଭିତ୍ତିକ ରିପୋର୍ଟ ରଖିଛନ୍ତି । ଟ୍ରିବ୍ୟୁନାଲ ଦ୍ୱାରା କୌଣସି ଜଳ ବିବାଦର ସମାଧାନ ହୋଇନାହିଁ । କିଛି ଲୋକ ନିଜ ରାଜନୈତିକ ଫାଇଦା ପାଇଁ ଅଦାଲତ ଯାଇଥିଲେ । ୭ ବର୍ଷ ଭିତରେ ଅଦାଲତି କାର୍ଯ୍ୟ କିଛି ଆଗେଇ ନଥିଲା । ଆପୋଷ ବୁଝାମଣା ପାଇଁ ସମ୍ମତି ଦେଇଥିବାରୁ ଟ୍ରିବ୍ୟୁନାଲଙ୍କୁ ଧନ୍ୟବାଦ ।

# ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ମାମଲାରେ ୭ ଦିନରେ ହେବ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର, ୦୯/୫ (ନି.ପ୍ର): ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ଅଭିଯୋଗ ଆସିବା ପରେ ପଂଚାୟତିରାଜ ମନ୍ତ୍ରୀ ରବି ନାଏକ ଆଠଗଡ଼ ଦମ୍ପତିପୁର ଗାଁରେ ପହଂଚି ସ୍ଥିତି ପରଖିଛନ୍ତି । ସ୍ଥିତି ପରଖିବା ପରେ ପଂଚାୟତିରାଜ ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମନ୍ତ୍ରୀ କହିଛନ୍ତି ଯେ ଆଠଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ କର୍ତ୍ତୃତ୍ୱରେ ଏ ସବୁ ହୋଇଛି । ଏଠାକାର ଲୋକେ ଗୁହାଳ ଘରେ ରହୁଥିବା ଭଳି ବୋଲି ମନେହେଉଛି । ଏମାନଙ୍କୁ ଯିଏ ଧୋକା ଦେଇଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ, କାହାରିକୁ ଛଡ଼ାଯିବନି । ଆଇନର ଶେଷ ସୀମା ଯାଏଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ସେହିପରି ଆବାସ ନାଁରେ ଧୋକା ପାଇଥିବା ଲୋକେ ସ୍ୱତନ୍ତ୍ର ଯୋଜନାରେ ଥଇଥାନ ହେବେ । ବିଗତ ସରକାରରେ ନିରୀହ ଆଦିବାସୀଙ୍କୁ ଧୋକା ଦିଆଯାଇଛି ।

# ପାକିସ୍ତାନ-ୟୁଏଇ କୂଟନୈତିକ ସମ୍ପର୍କରେ ତିକ୍ତତା: ହଜାର ହଜାର ଶ୍ରମିକ ନିର୍ବାସିତ



ନୂଆଦିଲ୍ଲୀ,୦୯/୫ : ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ସମାଧାନ ପାଇଁ ମଧ୍ୟସ୍ଥି ସାଜିବା ପାକିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହି ପଦକ୍ଷେପ ଯୋଗୁଁ ୟୁଏଇ (ଆରବ ଏମିରେଟ୍ସ) ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କ ଖରାପ ହେବା ସହ ୟୁଏଇରୁ ବହୁ ସଂଖ୍ୟକ ପାକିସ୍ତାନୀ ଶ୍ରମିକଙ୍କୁ ନିର୍ବାସିତ କରାଯାଉଛି । ଏମିରାତି ଅଞ୍ଚଳକୁ ଟାର୍ଗେଟ କରି ଇରାନ କରିଥିବା ଆକ୍ରମଣକୁ ପାକିସ୍ତାନ କଡ଼ା ନିନ୍ଦା କରିବାରେ ବିଫଳ ହୋଇଥିବାରୁ ୟୁଏଇ ଗଭୀର ଅସନ୍ତୋଷ ପ୍ରକାଶ କରିଛି । ଏହି କାରଣରୁ ଗତ କିଛି ସପ୍ତାହ ମଧ୍ୟରେ ହଜାର ହଜାର ପାକିସ୍ତାନୀ ସିଆ ମୁସଲମାନଙ୍କୁ ବିନା କୌଣସି ସ୍ପଷ୍ଟୀକରଣରେ ଅଟକ ରଖାଯିବା ପରେ ବହିଷ୍କାର କରାଯାଇଛି । କୂଟନୈତିକ ସ୍ତରରେ ୟୁଏଇ ନିଜର ଆଭିମୁଖ୍ୟ କଠୋର କରିବା ସହ ପାକିସ୍ତାନକୁ ଦେଇଥିବା ୩.୫ ବିଲିୟନ ଡଲାରର ଋଣ ତୁରନ୍ତ ଫେରସ୍ତ ମାଗିଛି ।

◆◆ପୃଷ୍ଠା ୭

## ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୦୯/୫ (ନି.ପ୍ର): ପ୍ରବଳ ରୌଦ୍ର ତାପ ଯୋଗୁଁ, ଆସନ୍ତା ୧୧.୦୫.୨୦୨୬ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।

# କୋଲକାତାରେ ଆରମ୍ଭ ହେଲା ବିଜେପି ସରକାର: ଶୁଭେନ୍ଦୁଙ୍କ ସହ ୫ ମନ୍ତ୍ରୀ ନେଲେ ଶପଥ

ନୂଆଦିଲ୍ଲୀ,୦୯/୫ : ଶୁଭେନ୍ଦୁ ଅଧିକାରୀ ଶନିବାର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ରାଜ୍ୟପାଳ ଆର.ଏନ. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଏହା ସହିତ ଶୁଭେନ୍ଦୁ ଅଧିକାରୀ ହୋଇଯାଇଛନ୍ତି ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ । କଂଗ୍ରେସ, ବାମ ଓ ତୃଣମୂଳ କଂଗ୍ରେସ ପରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ଶାସନ ଭାର



ସମ୍ଭାଳିଛି ବିଜେପି । କୋଲାକାତାର ପ୍ରସିଦ୍ଧ ବ୍ରିଗେଡ ପ୍ୟାରେଡ ଗ୍ରାଉଣ୍ଡରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ଦିଲୀପ ଘୋଷ, ଅଗ୍ନିମିତ୍ର ପଲ, ନିଶିଥ ପ୍ରାମାଣିକ, ଅଶୋକ କୀର୍ତ୍ତନିଆ ଓ ଖୁଦିରାମ ଟୁଡୁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ମନ୍ତ୍ରୀ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ପ୍ରମୁଖ ଉପସ୍ଥିତ ରହିଥିଲେ । ଆଜି ହେଉଛି ନୋବେଲ ବିଜେତା ରବୀନ୍ଦ୍ରନାଥ

◆◆ପୃଷ୍ଠା ୭

# ମନି ଲଣ୍ଡରିଂ ମାମଲାରେ ପଞ୍ଜାବ ଶିଳ୍ପମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ଇଡି କଲା ଗିରଫ

ନୂଆଦିଲ୍ଲୀ,୦୯/୫ : ଏକ କଥିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶନିବାର ପଞ୍ଜାବ ଶିଳ୍ପ, ଶକ୍ତି, ଶିଳ୍ପ ଏବଂ ନିବେଶ ପ୍ରୋତ୍ସାହନ ମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ଗିରଫ ରଖିଛି । ଇଡି ଦଳ ସକାଳରୁ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଏବଂ ଗୁରୁଗ୍ରାମରେ ତାଙ୍କ ବାସଭବନ ଏବଂ ପ୍ରତିଷ୍ଠାନ ଉପରେ ଚଢାଉ କରିଛି । ରିପୋର୍ଟ ଅନୁସାରେ, ଇଡି ଅଧିକାରୀମାନେ ଚଣ୍ଡିଗଡ଼ର ସେକ୍ଟର ୨ ସ୍ଥିତ ତାଙ୍କ ସରକାରୀ ବାସଭବନରେ କିଛି ଘଂଟା ଧରି ତଲାସି ପରେ ଆରୋରାଙ୍କୁ ଗିରଫ କରିଛନ୍ତି । ଅପରେସନ ସମୟରେ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା ଏବଂ ଚଣ୍ଡିଗଡ଼ ପୋଲିସ ମନ୍ତ୍ରୀଙ୍କ ବାସଭବନକୁ ଯାଉଥିବା ସମସ୍ତ ରାସ୍ତାକୁ ସିଲ୍ କରିଥିଲା ।

# ବାରିପଦାରେ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିର ଉଦଘାଟିତ: ଯୋଗଦେଲେ ମୟୂରଭଞ୍ଜର ମହାରାଜା ଓ ମହାରାଣୀ




ବାରିପଦା, ୦୯/୫ (ନି.ପ୍ର): ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିରର ଶୁଭାରମ୍ଭ ହୋଇଯାଇଛି ଓ ବାରିପଦାର ବେଲଗଡ଼ିଆ ପ୍ୟାଲେସ ପରିସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ଏହି ଶିବିରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି ଓ ଶିବିରର ପ୍ରଥମ ଦିନରେ ଅଭିଭାବକ ମାନଙ୍କର ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା ଓ ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି ଓ ମୟୂରଭଞ୍ଜର ମାଟିରେ ଅନେକ ପ୍ରତିଭା ଏହିଭଳି ଶିବିର ମାଧ୍ୟମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତ ରଖିଥିଲେ ଓ ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏହି ଶିବିର ଆଗାମୀ ଦିନରେ ଅଭ୍ୟାସ ଜାରି ରଖିବା ସହ ପିଲାମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

# ଭୂମିଜ ଭାଷାକୁ ସରକାରୀ ମାନ୍ୟତା ଦେବା ଓ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି ଦାବି: ଆଗାମୀ ଦିନରେ ବିକ୍ଷୋଭ କରାଯିବାର ସିଦ୍ଧାନ୍ତ

ବୈଶିଙ୍ଗା , ୦୯/୫ (ନି.ପ୍ର): ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା ତରଫରୁ ଚାରି ଦଫା ଦାବିକୁ ସରକାର ଗ୍ରହଣ କରିଥିଲେ ମଧ୍ୟ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଦୀର୍ଘ ବର୍ଷ ଧରି ଗଡ଼େଇ ଗଡେଇ ଚାଲିଛନ୍ତି। ଆଗାମୀ ଦିନରେ ସରକାର ଦାବି ନ ମାନିଲେ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବା ସହିତ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାର ସିଦ୍ଧାନ୍ତ ନିଆଯାଇଛି। ଚାରି ଦଫା ଦାବି ଗୁଡ଼ିକ ମଧ୍ୟରେ ଭୂମିଜ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଭୂମିଜ ଭାଷାକୁ ଅଷ୍ଟମ ଅନୁ ସୂଚୀରେ ସାମିଲ କରିବା, ଭୂମିଜ ସହିଦଙ୍କୁ ସମ୍ମାନ ଦେବା ସହ ଚୁହାଳ ବିଦ୍ରୋହ କୁ ଭୂମିଜ ବିଦ୍ରୋହର ମାନ୍ୟତା ଦେବା, ଭୂମିଜ ସମାଜର ରଘୁନାଥ ସିଂଙ୍କୁ ମାନ୍ୟତା ଦେବା ଆଦି ସାମିଲ ଥିବାର ଜଣାଯାଇଛି। କେନ୍ଦ୍ରୀୟ କମିଟିର ପୂର୍ବତନ ଅଧ୍ୟକ୍ଷ ପାଇକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କମିଟି ସଦସ୍ୟା ଗୀତାମଣୀ ସିଂ, ମୟୂରଭଞ୍ଜ ଜିଲ୍ଲା କମିଟି ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ସିଂ, ପୂର୍ବତନ ମହିଷାଶୋଳ ସରପଞ୍ଚ ତ୍ରିଲୋଚନ ସିଂ, ବୈଦିପୁର ୱାର୍ଡସଭ୍ୟ ଚନ୍ଦ୍ର ମୋହନ ସିଂ, ନୀଳଗିରି ବ୍ଲକ ଅଧକ୍ଷ ନରୋତ୍ତମ ସିଂ ସମାଜସେବୀ ମାନୁଲାଲ ସର୍ଦ୍ଦାର, ସନିଆ ସିଂ, ଭଞ୍ଜ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଙ୍ଗଲୁ ସିଂ, କହ୍ନେଇ ସିଂ, ଓ ଗଣେଶ୍ୱର ସିଂ, ସୁରେନ୍ଦ୍ର ସିଂ, ଦୀଲ୍ଲୀପ ସିଂ, ଅନୁ ସିଂ , ହେମନ୍ତ ସିଂ, ତରଙ୍ଗିଣି ସିଂ, ଦୀନେଶ ସିଂ, ରଥିଆ ସିଂ, ବାଙ୍ଗୁରୁ ସିଂ, ବିଦୁ ସିଂ ,ରାଜୁ ସିଂ ଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ନିକଟରେ ବିଧାନସଭାର ଭୂମିଜ ଭାଷାକୁ ମାନ୍ୟତା ଦିଆଯାଇଛି କହି ଏ ଜାତି ପ୍ରତି ଘୋର ଅପମାନ କରାଯାଇଛି ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଜେପିର ନୂଆ ସରକାରଙ୍କ ମଙ୍ଗ ଧରିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥି ପ୍ରତି ଦୃଷ୍ଟି ଦେବେ ବୋଲି ଆଶା ବାନ୍ଧିଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ରୂପସା , ୦୯/୫ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ନୂତନ ପରିଚାଳନା କମିଟିର ନିରୀକ୍ଷିକା ମୁନିମତୀ ସରସ୍ୱତୀ ନନ୍ଦଙ୍କ ଏକମାତ୍ର ସୁ ପୁତ୍ର ମୁନି କୁମାର କୀରଣ କୁମାରଙ୍କର ୧୯ ତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଆଶୀର୍ବଚନ ପ୍ରଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ଯୋଗ ଶିକ୍ଷୟିତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା,ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ପ୍ରମୁଖ ।ମୁନି ସଙ୍ଗୀତ ଗାନ କରିଥିଲେ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ।ଉପସ୍ଥିତ ଥିଲେ ମୁନି ମତୀ ଜାହ୍ନବୀ ଗିରି, ନୀନ ସାହୁ,ଯମୁନା ପାତ୍ର,କାଞ୍ଚନ ସାହୁ, ମୁନିରାଜ୍ଞୀ ବିମଳା ଲେଙ୍କା, ସୁମତୀ ଦଳାଇ, ମୁନି ଜଗଦୀଶ ପରିଡ଼ା, ରଘୁନାଥ ବେହେରା, ଯୋଗେନ୍ଦ୍ର ବେହେରା, ପ୍ରମୁଖ ବହୁ ମୁନି ମୁନିମତୀ ମାନେ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ସୁ ପୁତ୍ର କୀରଣ କୁମାରଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ପ୍ରତିଦିନ ଯଦି ଜଣେ ତାଙ୍କର ପରମପୂଜ୍ୟା ମାତାଙ୍କୁ ସାଷ୍ଟାଙ୍ଗ ପ୍ରଣୀପାତ କରେ,ତେବେ ତାଙ୍କଠାରେ ଏପରି ଏକ ଦୈବ ଶକ୍ତି ସଞ୍ଚିତ ହୋଇ ଚାଲିବ ଯେ ତାଙ୍କ ନାମ ସ୍ମରଣ କରି ଯିଏ ଯାହା ସତ ସଙ୍କଳ୍ପ କରିବ ,ତାହା କାର୍ଯ୍ୟକାରି ହୋଇଯିବ ।ଶେଷରେ ସତ୍ୟନିଷ୍ଠା ମାତା ମୁନିମତୀ ସରସ୍ୱତୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି, ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ରକ୍ତବୀର ସେବା ସମ୍ମାନ ସମାରୋହ ଆୟୋଜିତ




ବାଲେଶ୍ୱର, ୦୯/୫ (ନି.ପ୍ର): ଆଜି ଓଟି ରୋଡ ସ୍ଥିତ ଉଦ୍ୟୋଗ ଭବନରେ ଯୁବନେତା ତଥା ଯୁବ ବାଲେଶ୍ୱରର ସଭାପତି ସିମନ ଦାସ ମହାପାତ୍ରଙ୍କ ଦ୍ୱାରା ବାଲେଶ୍ୱରର ବିଭିନ୍ନ ସମୟରେ ରକ୍ତଦାତା ଭାବେ ହେଉ କିମ୍ବା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ହେଉ ଆଗଧାଡିର ୧୦୦ ଜଣ ଯୁବ ଯୋଦ୍ଧାଙ୍କୁ ରକ୍ତବୀର ସେବା ସମ୍ମାନରେ ସମ୍ମାନୀତ କରାଯାଇଛି ବିଶେଷ କରି କୋଭିଡ ସମୟରେ ଏବଂ ବାହାନଗା ରେଳ ଦୁର୍ଘଟଣା ହେଉ କିମ୍ବା ବିଭିନ୍ନ ସମୟରେ ଥାଲାସେମିୟା ରୋଗୀଙ୍କୁ ହେଉ ରକ୍ତର ଅଭାବ ସମୟରେ ଯୋଗେଇ ଦେଉଥିବା ରକ୍ତବୀର ମାନଙ୍କୁ ଆଜି ଅତିଥି ମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏଭଳି ମହତ କାମ ପାଇଁ ଯୁବକ ମାନଙ୍କୁ ଧନ୍ୟବାଦ ଦେବା ସହ ଆୟୋଜକଙ୍କ ସାଧୁ ଉଦ୍ୟମ କୁ ଧନ୍ୟବାଦ ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ମୁନିସିପାଲିଟି ଅଧକ୍ଷା ସବିତା ସାହୁ,କବି ପ୍ରଶାନ୍ତ ଦାସ, ରକ୍ତଦାତା ସଙ୍ଘ ସଭାପତି କମଲ ଚକ୍ରବର୍ତ୍ତି,ସଦର ବ୍ଲକ ଅଧକ୍ଷା ସୁନିତା ବେହେରା, ପୂର୍ବତନ ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର, ଶ୍ରମିକ ନେତା ଶାନ୍ତନୁ ଦାସ,କୃଷକ ନେତା ଅଜୟ ସାମଲ, ବାଦଲ ଦାସ,ଯୁବ ନେତା ଭାଗବତ ସାହୁ, ଅସିତ ଦାସ,ପ୍ରବୀର ଦାଶଶ୍ରୀମନ୍ତ ମାଝୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଆଜୀବନ ରକ୍ତବୀର ଭାବେ ଆଗଧାଡିର ସମାଜସେବୀ ସାହିରୁଲ ହକ ଏବଂ ସମ୍ବାଦ ଆମ ଓଡ଼ିଶାର ଉତ୍ତର ଓଡିଶା ସଂଯୋଜକ ଲକ୍ଷ୍ମୀଧର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଯୁବ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ପାଇଁ ଏମିତି କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ବାଲେଶ୍ୱରରେ ରକ୍ତର ଅଭାବ ନେହେବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସିମନ କହିଛନ୍ତି।

## ନୂତନ ଉଦ୍ୟୋଗ ଓ ନୂତନତ୍ୱ ସୃଜନଶୀଳତା କାର୍ଯ୍ୟକ୍ରମ

ନୀଳଗିରି , ୦୯/୫ (ନି.ପ୍ର): ବଳାଙ୍ଗୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ନୂତନ ଉଦ୍ୟୋଗ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୂତନ ଉଦ୍ୟୋଗ ଓ ସୃଜନଶୀଳତା ଉପରେ ଅଭିମତ ପ୍ରଦାନ ସହ ସ୍ୱସ୍ୱ ହସ୍ତନିର୍ମିତ ଓଡ଼ିଆ ଖାଦ୍ୟବ୍ୟଞ୍ଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନମିତା ଦତ୍ତ, ଶ୍ରୀନିତା ଘୋଷ,ମନୋଲିନା ଦାସ, ବିଶ୍ୱଜିତ ପ୍ରଧାନ,ନିର୍ମଳ ରାଉତ, ସାରଙ୍ଗଧର ତ୍ରିପାଠୀ, ପ୍ରହ୍ଲାଦ କୁଅଁର, ହରେକୃଷ୍ଣ ବାରିକ, ସୁଶାନ୍ତ ଦାସ ପ୍ରମୁଖ ଦାୟିତ୍ୱ ପୂର୍ବକ କାର୍ଯ୍ୟନିର୍ବାହ କରିଥିଲେ।

# ସମ୍ବଲପୁରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୭୦ ଲକ୍ଷରୁ ଅଧିକ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

ସମ୍ବଲପୁର, ୦୯/୫ (ନି.ପ୍ର): ସମ୍ବଲପୁର ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ ଅଥୋରିଟି ପକ୍ଷରୁ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସମ୍ବଲପୁର ଜିଲ୍ଲା ସଦର ମହକୁମା ସହ କୁଚିଣ୍ଡା ଓ ରେଢ଼ାଖୋଲ ତାଲୁକସ୍ତରୀୟ କୋର୍ଟଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। ଏହା ନ୍ୟାସନାଲ ଲିଗାଲ ସର୍ଭିସ ଅଥୋରିଟିଙ୍କ ଅନୁକୂଲ୍ୟ ଏବଂ ଓଡିଶା ଷ୍ଟେଟ୍ ଲିଗାଲ ସର୍ଭିସ ଅଥୋରିଟିଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ହୋଇଥିଲା।
ଲୋକ ଅଦାଲତରେ ୦୯ଟି ମୋଟର ଯାନ ଦୁର୍ଘଟଣାଜନିତ ମାମଲାର ସମାଧାନ କରାଯାଇ ୭୦,୧୬,୨୧୧ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୦ଟି ପରିବାର ସଂକ୍ରାନ୍ତୀୟ ମାମଲା, ୦୮ଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଓ ୧୫ଟି ଦେୱାନୀ ମୋକଦ୍ଦମାର ଫଇସଲା କରାଯାଇଥିଲା। ବ୍ୟାଙ୍କ ମାମଲାରେ ୧,୩୨,୮୬,୧୬୫ ଟଙ୍କା ଋଣ ପରିଶୋଧ ପାଇଁ ନିର୍ଦ୍ଦେଶ ହୋଇଥିବାବେଳେ ଦେୱାନୀ ମାମଲାରୁ ୮୪,୧୦,୦୦୦ ଟଙ୍କା ଆଦାୟ କରାଯାଇଥିଲା।
ଏଥିସହ ୨୦୨ଟି ଫୌଜଦାରୀ କମ୍ପାଉଣ୍ଡେବଲ ମାମଲା ଏବଂ ୦୫ଟି ଏନ୍ଆଇ ଆକ୍ଟ ମାମଲାର ଫଇସଲା କରାଯାଇ ୬,୯୪,୭୯୭ ଟଙ୍କାରୁ ଅଧିକ ଆଦାୟ ହୋଇଥିଲା। ୨୩ଟି ପ୍ରି-ଲିଟିଗେସନ କେସର ସମାଧାନ ମାଧ୍ୟମରେ ୬,୨୭,୧୧୪ ଟଙ୍କା ଆଦାୟ କରାଯାଇଥିଲା।
ରାଜସ୍ୱ ବିଭାଗର ୫୫୭୦ଟି କେସର ଫଇସଲା ସହ ୪,୩୫,୬୧୯ ଟଙ୍କା ଆଦାୟ ହୋଇଥିବାବେଳେ ଇ-ଚାଲାଣ ସମ୍ବନ୍ଧୀୟ ୧୬୪ଟି ମାମଲାରୁ ୩,୧୧,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ଶ୍ରମ ବିବାଦ ସମ୍ବନ୍ଧୀୟ ୦୨ଟି ମାମଲାର ସମାଧାନ କରାଯାଇ ୮୮,୨୦୦ ଟଙ୍କା ଆବେଦନକାରୀଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ହୋଇଥିଲା।
ଏହି ଲୋକ ଅଦାଲତ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସମ୍ବଲପୁରର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜଜ ଓ ନ୍ୟାୟିକ ଅଧିକାରୀମାନେ ମାମଲାଗୁଡ଼ିକର ସମାଧାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ଏବଂ ରେଜିଷ୍ଟ୍ରାର ନିହାର ରଞ୍ଜନ ଲେଙ୍କା ଲୋକ ଅଦାଲତ ପରିଚାଳନା କରିଥିଲେ।

# ଉପଜିଲ୍ଲାପାଳଙ୍କ ଡିଜିଟାଲ ଜାଲଦସ୍ତଖତକାରୀ ସରକାରୀ କର୍ମଚାରୀଙ୍କୁ ବାନ୍ଧିଲା ପୋଲିସ



ନୀଳଗିରି, ୦୯/୫ (ନି.ପ୍ର): ନୀଳଗିରି ଉପଜିଲ୍ଲାପାଳଙ୍କ ଡିଜିଟାଲ ଜାଲ ଦସ୍ତଖତକରି ଜମିପଟ୍ଟା ହେରଫେର କରିଥିବା ଜୈନିକ ସରକାରୀକର୍ମଚାରୀଙ୍କୁ ଆଜି ନୀଳଗିରି ପୋଲିସ ଗିରଫକରିଛି ।ଗତ ଜାନୁଆରୀ ୨୯ତାରିଖ ତତ୍କାଳୀନ ନୀଳଗିରି ଭାରାପ୍ରାପ୍ତ ଉପଜିଲ୍ଲାପାଳଙ୍କ ଅଭିଯୋଗପରେ ନୀଳଗିରି ପୋଲିସ ୫୧/୨୬ରେ ମାମଲା ରୁଜୁକରି ଠକେଇ ଅଭିଯୁକ୍ତକୁ ପ୍ରମାଣଆଧାରରେ ଗିରକରିଛି । ସୂଚନା ଅନୁଯାୟୀ ଜାମୁଡିହା ପଞ୍ଚାୟତ ମଲ୍ୟାଣି ଗ୍ରାମର କରୁଣାକର ପଲେଇଙ୍କ ପୁଅ ନରୋତ୍ତମ ପଲେଇ ଜଣେ ସରକାରୀ କର୍ମଚାରୀଭାବେ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ସେତେବେଳେ ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟଙ୍କ ଡିଜିଟାଲ ଜାଲଦସ୍ତଖତକରି ବିଭିନ୍ନ କେଳେଙ୍କାରି କରିଥିଲେ। ତେବେ ଘଟଣାସମ୍ପର୍କରେ ଜାଣିବାପରେ ଖୋଦ୍ ଉପଜିଲ୍ଲାପାଳ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ତାଙ୍କୁ ଭୋଗରାଇ ତହସିଲକୁ ସିନିଅର ରେଭନ୍ୟୁ ଆସିଷ୍ଟାଣ୍ଟ ଭାବେ ବଦଳି କରାଯାଇଥିଲା। ସମସ୍ତ ପ୍ରମାଣ ମିଳିବାପରେ ନୀଳଗିରି ପୋଲିସ ସକାଳ ୯.୩୦ସମୟରେ ନିଜ ବାସଭବନ ମଲ୍ୟାଣିରୁ ଗିରଫକରି କୋର୍ଟଚାଲାଣ କରିଛି । ଏଥିସହିତ ନରୋତ୍ତମ ଜଣେ ପେଶାଦାର ଠକବୋଲି ମଧ୍ୟ ସୂଚନା ଦେଇଛି।

# ବାଘମାରୀରେ ଅର୍ଜୁନ ଚରଣ ସେନାପତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ଜଳେଶ୍ୱର, ୦୯/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଆରଆରପୁର ପଞ୍ଚାୟତର ବାଘମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅର୍ଜୁନ ଚରଣ ସେନାପତି ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ବ୍ଲକ ଉପାଧକ୍ଷା ସଞ୍ଚିତା ସେନାପତି ଓ ବରିଷ୍ଠ ବିଜେଡ଼ି ନେତା ମଧୁସୁଦନ ସେନାପତିଙ୍କ ଏକ ମାତ୍ର ପୁଅ ଡ଼ାକ୍ତର ପାର୍ଥସାରଥୀ ସେନାପତିଙ୍କ ପ୍ରଚେଷ୍ଟାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବାଘମାରୀ ଗ୍ରାମବାସୀ ବୃନ୍ଦ ଛାତ୍ର ସଂସଦ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ୨୦୨୫-୨୬ ଶିକ୍ଷା ବର୍ଷର ଛାତ୍ର ସଂସଦଙ୍କ ମିଳିତ ସୌଜନ୍ୟରେ ଏହି ଜନହିତକର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶନିବାର ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ବିଭିନ୍ନ ବିଭାଗର ଅଭିଜ୍ଞ ଚିକିତ୍ସକମାନେ ଯୋଗଦେଇ ରୋଗୀମାନଙ୍କୁ ମାଗଣା ପରାମର୍ଶ ପ୍ରଦାନ କରିଥିଲେ। ମୁମ୍ବାଇ ଗ୍ରାଣ୍ଟ ମେଡିକାଲ କଲେଜ ର ମେଡିସିନ ବିଶେଷଜ୍ଞ ଡାକ୍ତର ରୁଦ୍ର ନାରାୟଣ ପତି, କଟକ ଏସ.ସି.ବି.ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସୁମନ ସୌରଭ ପାତ୍ର, ଭୁବନେଶ୍ୱର ସମ୍ ହସ୍ପିଟାଲ ର ଅସ୍ଥିଶଲ୍ୟ ରୋଗ ବିଶେଷଜ୍ଞ ଡାକ୍ତର ନିତିନ କ୍ରିଷ୍ଣା ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଏହା ବ୍ୟତିତ ଡ଼ାକ୍ତର ପାର୍ଥ ସାରଥୀ ସେନାପତି, ଡ଼ାକ୍ତର ବିଶ୍ୱଜିତ ସାହୁ, ଡ଼ାକ୍ତର ପୂଜା ଚନ୍ଦନ ଦଳେଇ,ଡ଼ାକ୍ତର ପ୍ରୀତମ ଭୋଇ, ଡ଼ାକ୍ତର ବିପ୍ଳବ କୁମାର ସାମଲ, ଡ଼ାକ୍ତର ପପୁ ମଲ୍ଲିକ, ଡ଼ାକ୍ତର ଶୁଭମ ପ୍ରକାଶ ମାହାନ୍ତି, ଡ଼ାକ୍ତର ସ୍ମୃତିସ୍ମିତା ମାହାନ୍ତି ଓ ଡ଼ାକ୍ତର ଚନ୍ଦ୍ରାବତୀ ବେହେରା ସମସ୍ତ ରୋଗୀ ମାନଙ୍କୁ ସୂଚାରୁ ରୂପେ ମାଗଣା ଚିକିତ୍ସା କରିଥିଲେ। ସୁକୁମାର ମାନସିଂ, ଆସୋତୁସ ନାୟକ,ପଙ୍କଜ କୁମାର ଓ ସଂଗ୍ରାମ ଶାଗର ପ୍ରମୁଖ ମେଡିକାଲ ଷ୍ଟୁଡେଣ୍ଟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।ଶିବିରରେ ସମସ୍ତ ବର୍ଗର ଲୋକଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହ ଟ୍ରଷ୍ଟ ପକ୍ଷରୁ ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ବିଶେଷ କରି ଅସ୍ଥି ରୋଗ, ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସାଧାରଣ ରୋଗର ଚିକିତ୍ସା ପାଇଁ ଗ୍ରାମାଞ୍ଚଳର ପ୍ରାୟ ୪ ଶହରୁ ଅଧିକ ଲୋକ ଏହି ଶିବିରରୁ ଉପକୃତ ହୋଇଛନ୍ତି। ଗ୍ରାମାଞ୍ଚଳର ଅସହାୟ ଓ ଗରିବ ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇଦେବା ଆମ ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡ଼ାକ୍ତର ସେନାପତି କହିଛନ୍ତି ।ଆଗାମୀ ଦିନରେ ଏହିଭଳୀ ଭାବେ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି। ବାଘମାରୀ ଅଞ୍ଚଳରେ ଏଭଳି ଏକ ମହତ କାର୍ଯ୍ୟ ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଅର୍ଜୁନ ଚରଣ ସେନାପତି ମେମୋରିଆଲ ଟ୍ରଷ୍ଟ ଏବଂ ଛାତ୍ର ସଂସଦକୁ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପ୍ରାକ୍ତନ ପ୍ରସାନିକ ଅଧିକାରୀ ଅଧୀର କୁମାର ପ୍ରାମାଣିକ,ସମାଜସେବୀ ସମର କରଣ, ସରୋଜ କୁମାର ରାଉଳ, ସପନ ଦାସ, ଅଭିମନ୍ୟୁ ରାଉଳ, ଅଶୋକ କୁମାର ଜେନା, ମନୁରଞ୍ଜନ ରାଉଳ, ସୁବଳ କୁମାର ପ୍ରାମାଣିକ, ଯଜ୍ଞେଶ୍ୱର ରାଉଳ, ସଂଗ୍ରାମ ପଟ୍ଟନାୟକ, ଉଜ୍ଜଳ ବେହେରା, ଦିବ୍ୟରଞ୍ଜନ ସାହୁ, ଗୌରବ ନନ୍ଦୀ, ରାକେଶ ସାହୁ, ଦିବ୍ୟରଞ୍ଜନ ପଟ୍ଟନାୟକ, ଅରବିନ୍ଦ ସାହୁ, ରାଜେଶ ସାହୁ, ଇପ୍ସିତା ରାଉଳ,ଅର୍ପିତା ରାଉଳ,ଶୁଭଶ୍ରୀ ବେହେରା,ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀମଣି ଜେନା ଙ୍କ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ସମ୍ବଲପୁର, ୦୯/୫ (ନି.ପ୍ର): ଆଜି ସକାଳେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ ଏକ ଦ୍ରୁତଗାମୀ ଗାଡି ଚଳନ୍ତା ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଛି । ଏହି ଧକ୍କାରେ ବାଇକ୍ ଚାଳକ ଓ ସହଯାତ୍ରୀ ରାସ୍ତାରେ ଅତି ବିଭତ୍ସ ଭାବେ ଘୋଷାଡ଼ି ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ।

**AFFIDAVIT**

By virtue of an affidavit before the executive Magistrate Simulia, I, Laxmi Das aged about 41 years, W/o-Debendra Das, resident of village- Haladia, Po- Haladia, P.s.- Bansada, Dist- Bhadrak in the state of odisha declare that I have an LIC Policy bearing pol No- 598129200, dated 28.03.2011, where my name is mentioned as Manjulata Sahu, W/o-Debendra Das, resident of village- Haladia, Po- Haladia, P.s.- Bansada, Dist- Bhadrak and also recorded in my HSC pass certificate bearing Roll No- 87SB005. But in my postal savings bank passbook/ account bearing A/C No- 039210057254 my name has been mentioned as Laxmi Das, W/o-Debendra Das, resident of village- Haladia, Po- Haladia, P.s.- Bansada, Dist-Bhadrak, which is recorded in my Aadhaar Card bearing No- 879289244707 and also recorded in my voter ID Card bearing No- RWK1284058. Both Manjulata Sahu and Laxmi Das are one and same person.

Laxmi Das

# ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଭଦ୍ରକ, ୦୯/୫ (ନି.ପ୍ର): ଏହି ବ୍ଲକ ଟିଲୋ ଗାୟତ୍ରୀ ପରିବାର ପକ୍ଷରୁ ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଳିତ ହୋଇଛି । ପ୍ରାରମ୍ଭରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶଶି ଶେଖର କରଶର୍ମା ଧର୍ମ ଧ୍ୱଜା ଉତୋଳନ କରିଥିଲେ । ମହିଳା ମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞ ବେଦୀରେ ସ୍ଥାପନା କରାଯାଇଥିଲା । ଯଜ୍ଞ ଓ ସଂସ୍କାର, ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ । ପ୍ରତ୍ୟେହ ସନ୍ଧ୍ୟାରେ ଯୁଗ ସଙ୍ଗୀତ ସାଙ୍ଗକୁ ଶାନ୍ତିକୁଞ୍ଜ ହରିଦ୍ୱାରରୁ ତାଲିମପ୍ରାପ୍ତ ପରିବ୍ରାଜକ ମିନକେତନ ଭାଇ ଓ ସାଥୀଙ୍କ ଦ୍ୱାରା ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗାୟତ୍ରୀ ପରିବାରର କ୍ଷେତ୍ରବାସୀ ବିଶ୍ୱାଳ, ଆଲୋକ ରଞ୍ଜନ ମୁଖାର୍ଜି, ମକରଧ୍ୱଜ ଲେଙ୍କା, ସନ୍ତୋଷ କୁମାର ଜେନା, ଶିବନାରାୟଣ ସ୍ୱାଇଁ, ରମାକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

# ମେଘାସନ ମହାବିଦ୍ୟାଳୟ ପରିସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ଉଦଳା, ୦୯/୫ (ନି.ପ୍ର): ମେଘାସନ ମହାବିଦ୍ୟାଳୟର ସଭାଗୃହ ଠାରେ ବିଶ୍ୱରେଡ଼କ୍ରସ ଦିବସ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରି ଦୁଃଖି, ଦରିଦ୍ର ଓ ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଲୋକମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପହଂଚାଇବା ଆମମାନଙ୍କର କର୍ତବ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ ଛାତ୍ର ସମାଜ ଏକତ୍ରିତ ହୋଇ ଅବସର ସମୟରେ ସାଧାରଣ ଲୋକଙ୍କ ସେବା କରିପାରିଲେ ନିଜ ଜୀବନ ସାର୍ଥକ ହେବ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ଼.ଶୁଭଦର୍ଶନୀ ମହାନ୍ତି, ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା, ଅଧ୍ୟାପକ ସନ୍ତୋଷ କୁମାର ଜେନା, ଅଧ୍ୟାପକ ରୁପେଶ କୁମାର ମହାପାତ୍ର ପ୍ରମୁଖ ମଂଚାସୀନ ହୋଇ ଛାତ୍ରାବସ୍ଥାରୁ ଦୁର୍ଗତ ଦୁଃଖି ଓ ରୋଗୀ ମାନଙ୍କର ସେବା କରିବା ସହିତ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ । ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ବିଜୟ କୁମାର ନାଏକ ମଂଚକୁ ନିମନ୍ତ୍ରଣ କରିବା ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସର୍ବଶେଷରେ ଅଧ୍ୟାପିକା କମଳିନୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ମଇ ୨୦୨୬
email :
rabibarachayan2015@gmail.com



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୩ ବୁଦ୍ଧ ଏବଂ ଅସୁସ୍ଥ ଭିକ୍ଷୁ

ଏକଦା ବୁଦ୍ଧ ଏକ ମଠ ପରିଦର୍ଶନରେ ଯାଇଥିବା ସମୟରେ ଏକ କୋଠରୀରେ ପ୍ରବେଶ କରିଥିଲେ, ଯେଉଁଠାରେ ଜଣେ ଭିକ୍ଷୁ ଏକ ଭୟଙ୍କର ରୋଗରେ ପୀଡ଼ିତ ହୋଇ ବହୁତ ଯନ୍ତ୍ରଣା ଭୋଗୁଥିଲେ। ଯଦିଓ ମଠରେ ଅନେକ ଭିକ୍ଷୁ ଉପସ୍ଥିତ କଲେ, ତଥାପି କେହି ଏ ରୋଗୀଭାଇଟି ବିଷୟରେ ଚିନ୍ତା କରୁନଥିଲେ। ବୁଦ୍ଧ ତାଙ୍କର ଏ ଦୟନୀୟ ଅବସ୍ଥା ଦେଖି ସଂଗେସଂଗେ ତାଙ୍କର ସେବା କରିବାକୁ ଲାଗିଲେ। ସେ ଆନନ୍ଦଙ୍କୁ ଡାକିଲେ ଏବଂ ସେମାନେ ମିଶି ପୀଡ଼ିତ ବ୍ୟକ୍ତିଙ୍କୁ ସ୍ନାନ କରାଇଲେ ଓ ତା'ର ଯନ୍ତ୍ରଣାର ଉପଶମ କଲେ। ତପୃରେ ସେମାନେ ତାଙ୍କୁ ତାଙ୍କର ଅପରିଷ୍କାର ଶଯ୍ୟାରୁ ଉଠାଇ ନେଇ ଏକ ଆରାମଦାୟକ ସ୍ଥାନରେ ବିଶ୍ରାମ କରାଇଲେ।



ଏହାପରେ ସେ ମଠର ଭିକ୍ଷୁମାନଙ୍କୁ ସେମାନଙ୍କର ଅବହେଳା ପାଇଁ ତାଗିଦ୍ କଲେ ଏବଂ ସେମାନଙ୍କୁ ପରବର୍ତ୍ତୀ ସମୟରେ ରୋଗୀ ଓ ପୀଡ଼ିତ ମାନଙ୍କର ସେବା କରିବାକୁ ନିର୍ଦ୍ଦେଶ ଦେଲେ। "ଯେଉଁ ଲୋକ ରୋଗୀ ଓ ପୀଡ଼ିତମାନଙ୍କର ସେବା କରେ, ସେ ମୋର ସେବା କରେ", ଶେଷରେ ବୁଦ୍ଧ ଏହା କହିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୫

## ମାମଲା (ଡ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ପୁଣି ସେଇ ବାଡ଼ କଳି। ଗୋସାଇଁ ଟିକେ ଥିଲାବାଲା। ପାଖ ପଡିଶା ପାଠଶାଠ ଶୁନ।ନଡିଆଗଛ,ତାଳଗଛ ଚଢି ପେଟ ପୋଷନ୍ତି। ବୟସ ଗଡିଗଲା। ଦି'ହାତ ହୋଇ ପାରିଲେନି। ବଡ଼ କଲବଲ ଯୁଆନ ବୟସ। ପ୍ରଜାପତି ଜୁଟେଇଲେ ଶେଷକୁ। ଜହ୍ନିମଞ୍ଜିକୁ କାକୁଡିମଞ୍ଜି। ପାଠଶାଠ ବି ପଢିଚି ବୋହୂ। ପଟିକିଆ ପେଟ ଯେମିତି ସେମିତି ଭରି ଯାଉଥିଲା। ଆଉ ଜଣେ ଆସିଲେ। ଏବେ କୋଳ ପୂରୁନି। ତିରିଲା ଶିଖେଇଲା ନିଶାଚର ହୁଅ। ସାଇ ଗୋଟାକ ନଡିଆଗଛ ନିର୍ବାଳ ସକାଳକୁ । ଦେଇପିଣ୍ଡି ଶାଳୁଆ ଖୁଣ୍ଟରେ ନଡିଆ ଗଛା ହେଲା । ପଡିଶା ଗୋସାଇଁ ଟେର ପାଇଲେନି । ବାସନକୁସନ କୋଠପୋଖରୀରୁ ଉଭାନ । ଥରେ ଠଉରେଇ ଗୋସାଇଁ ଥାନାରେ ଜଣେଇଲେ । ଥାନାବାଲା ପଠେଇଲେ ଚୌକିଦାର । ଚୌକିଦାର ଗୋସେଇଁଙ୍କଠୁ ନେଲା ଗୋଟିଏ ଶ୍ରୀଫଳ । ଆସାମୀଠୁ ପୁଞ୍ଜାଏ।

ସଂଜକୁ ବାସନ ଫେରେଇଲା ଆସାମୀ । ତା' ପରଦିନ ବାଡ଼କଳି ଝଙ୍କାଝୋର । ଗୋସେଇଁ ମାମଲା ଦୋହରେଇଲେ । ଗଲେ ଗେରସ୍ତ ଭାରିଯା । ଥାନବାବୁ ଲାଠି ହଲେଇ ମୁଛ ମୋଡିଲେ । ଗେରସ୍ତର ପୋଖରୀପାଣି । ତିରିଲା ତା' ଚିରା ବ୍ଲାଉଜ ଦେଖାଇଲା । କହିଲା ଗୋସାଇଁ ପୁଅର ଏତକ ହରକତ ।

ଗେରସ୍ତ ଦେଲା ଚାପୁଡାଏ ଠାଏକିନା ଭାରିଯା ଗାଲକୁ । ଛି ଛି ପୁତୁରାଟା ନାଁରେ ପାପକଥା । କଥାକୁ ଗେମେଟାଗେମେଟି କରି ଥାନାବାବୁ ଛାଡିଦେଲେ । ମୁହଁ ଉଷୁଆଁହାଣ୍ଡି କରି ଫେରିଲେ ଗୋସାଇଁ।

ତା ପରଦିନ ବାଡ଼ ସେପଟୁ କାଚ ଝମଝମ ଶୁଣିଲେ ଗୋସାଇଁ । ତାଙ୍କ ଝିଅ ବଢେଇ ଦେଉଥାନ୍ତି ଖୁଡି ଅଣ୍ଟିକୁ ଗୋସେଇଁଆଣି ରଗଡିଥିବା ମୁଗଜାଇ ।

ମାମଲା ଖଲାସ।

♥ ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

# କବିତା

## କୃଷ୍ଣଚୂଡ଼ା



**କ୍ଷମାନିଧି ଭୋଇ**

ତଥାପି,
ଗ୍ରୀଷ୍ମର ଡ଼ହ ଡ଼ହ ଖରା ତାତିରେ ବି
ପଲ୍ଲବିତ ହସ ହସ ଲୋହିତ କୃଷ୍ଣଚୂଡ଼ା
ପୁଲକିତ ପୂର୍ବକ ତା' ରଙ୍ଗିନ ପାଖୁଡ଼ା ।

ତିଳେହେଁ ନାହିଁ ଦୁଃଖ ଅବା ଅବସାଦ
ଯେତେ କଲେ ବି ଖରାର ପ୍ରଚଣ୍ଡ ପ୍ରହାର
ତା' ସର୍ବାଙ୍ଗେ ବୁଣି ରୌଦ୍ର ପ୍ରକୋପ
ବରଂ ଆହୁରି ନାଚିଉଠେ ସିଏ
ଉଜ୍ଜୀବିତ ପୂର୍ବକ
ଅନେକ ମିଠା ମିଠା ଉନ୍ମାଦନା ସହିତ।

ତେଣୁ, କେବେହେଁ ପଡ଼ ନାହିଁ ଭାଙ୍ଗି
ବରଂ, ଚେଷ୍ଟା କର ହସି ହସି ବଞ୍ଚିବାକୁ
ସାମ୍ନା କରି ଏ ଜୀବନର
ଯେତେକ ଝଡ଼ ଝଞ୍ଜାକୁ
ଧନ୍ୟବାଦ ପୂର୍ବକ ନିୟତିର
ପ୍ରତିଟି ବାସ୍ତବତାକୁ ।

କାହିଁକି ନା, ସମୟର ସ୍ରୋତରେ
ପରିବର୍ତ୍ତିତ ପ୍ରତିଟି ମୁହୂର୍ତ୍ତ
ଠିକ୍ ଯେମିତି ଗ୍ରହ ନକ୍ଷତ୍ର ବି ଗତିଶୀଳ
ଆପଣେଇ ନିଜ ନିଜ କକ୍ଷପଥ
ଲଙ୍ଘି ନ ଯାଇ ଈଶ୍ୱରଙ୍କ କୌଣସି ନିର୍ଦ୍ଦେଶ ।

ସତରେ, ଦେଖ
ଲୋହିତ କୃଷ୍ଣଚୂଡ଼ା କେମିତି ସହାସ୍ୟେ
ବଞ୍ଚିପାରେ
ମୁଣ୍ଡଫଟା ଖରାର ବାରମ୍ବାର ପ୍ରହାରେ
ଅନାହୂତ ମାଳ ମାଳ ପ୍ରତିକୂଳ ପରିସ୍ଥିତିରେ ।

ସେଇଥିପାଇଁ, କେବଳ ସୁଖ ନୁହେଁ
ବରଂ କଦବା ଦୁଃଖକୁ ବି
ଆପଣାର କରିବାକୁ ଶିଖ
ଯେହେତୁ, ଏ ଜୀବନଟା ପରା
କିଛି ସୁଖ ଓ କିଛି ଦୁଃଖର ଆଲେଖ୍ୟ ।

♥ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା ( ଓଡ଼ିଶା )
ପିନ୍ : ୭୬୬୧୦୫
(ମୋ) : ୯୪୩୮୨୯୨୯୩୩

## ॥ ଯୁଦ୍ଧର ଘନଘଟା ॥

**ସୁଧୀର ମେହେର**



କେଜାଣି, ଆଗକୁ କେତେ କ'ଣ
ଭୋଗିବାକୁ ଅଛି ଏଇ ଜୀବନରେ !

କୋଉଠି ଅଛି ଇସ୍ରାଏଲ୍
କୋଉଠି ଅଛି ଇରାନ୍
ତାଙ୍କ ଭିତରେ ଚାଲିଛି ଘୋମାଘୋଟ୍ ଲଢେଇ
ଏଣେ ଆମର ଜନ ଜୀବନ ହନ୍ତସନ୍ତ
ଟୋପାଏ ତେଲ ପାଇଁ / ବୁନ୍ଦାଏ ଗ୍ୟାସ୍ ପାଇଁ !

ସବୁ ଜିନିଷ ମହଜୁଦ ଅଛି ରୋଷେଇଶାଳରେ
ଜଳି ପାରୁନି ଚୁଲ୍ଲୀ,
ତିନି ତିନିଟା ଗାଡ଼ି ଥୁଆ ପୋର୍ଟିକୋରେ
ବାହାର କରିବାକୁ ଡର
ପେଟ୍ରୋଲ, ଡିଜେଲର ସଙ୍କଟ
ଦେଖା ଯିବନି ତ ଆଉ !

ବଜାରରେ ଭୀଷଣ ତାତି
ପକେଟ୍‌କୁ ହାତ ପାଉନି
କଥା କ'ଣ ବୁଝିଲା ବେଳେକୁ
ମାଲ୍ ପରିବହନ ହୋଇ ପାରୁନି
ଯୁଦ୍ଧ ପରିସ୍ଥିତି ପାଇଁ ।

ସତରେ, କେତେ ଭଲ ଥିଲା
ସେଇ ବାପ-ଦାଦି ଅମଳର ଜୀବନ;
ଦି'ଓଳି ଦି'ମୁଠା ପଖାଳ....
ନିଜ ବାଡିରୁ ଯାହା ମିଳିଲା କାମ ଚଳେଇ ନିଅ
ଛୋଟ ସ୍ୱପ୍ନ, ସୁନ୍ଦର ଜୀବନ ।

ବେଳେବେଳେ ଲାଗେ-ପ୍ରଗତିର ନାରା ଦେଇ
ଆମେ ଯେଉଁ ଡିଣ୍ଡିମ ପିଟିଛୁ,
ସବୁ ମିଛ
କି ଲାଭ ଏଇ ପ୍ରଗତିରେ ?
ମୁଠାଏ ରାନ୍ଧି ଖାଇବାର
ମନ ଇଚ୍ଛା ଉଡାଣ ଭରିବାର
ସାମର୍ଥ୍ୟ ଯଦି ନାହିଁ ଆମ ପାଖରେ ?

କିଏ ଶିଖେଇଲା ସତେ-ଏଇ
ଅୟସ, ଆରାମର ଜୀବନ !
କିଏ ନିରୀହ ଆଖିରେ ଖୁନ୍ଦି ଦେଲା
ମେଘକୁ ଛୁଇଁବାର ସ୍ୱପ୍ନ !
ଦୁର୍ବଳ ଉପରେ ଆକ୍ରମଣ କରି
ନିଜ ସାମ୍ରାଜ୍ୟ ବିସ୍ତାର କରିବାର ମନ୍ତ୍ର !!

ଏବେ,
ନିଜ ନିଜ ଭିତରେ ଟଣା ଓଟରା,
କିଏ କାହାକୁ ସମର୍ଥନ ଦେବ,
ଯେ ପୁଣି ଗୋଟିଏ
ହିରୋସୀମା, ନାଗାସାକୀର
ପୂର୍ବାଭାସ ନୁହେଁ ତ !!

♥ ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି- ୭୬୬୦୧୪
(ମୋ) ୯୫୮୩୫୮୮୮୭

## ଏଯାଏଁ ସେମାନେ ଶିଖିଲେନି

**ସୁଶୀଲ କୁମାର ପାଣିଗ୍ରାହୀ**



ଏଯାଏଁ ସେମାନେ ଶିଖିଲେନି
ପ୍ରାର୍ଥନା କରିବା
ନିଆଁକୁ ଶତ୍ରୁ କରିବା
ମଣିଷର ପାଦକୁ
ବିପଦଜନକ ଘୋଷଣା କରିବା
ପଥର ବିରୁଦ୍ଧରେ କହିବୁଲିବା
ଟିକି ଟକି ଫୁଲ ଲାଗି
ମନଦୁଃଖ କରିବା

ପରାଜୟ କଣ ବି ତ ଜାଣିଲେନି
ବିଦାୟ ନେଲା ବେଳେ
ଜାଣିଛନ୍ତି ଫେରିବା ସମୟ
ଫେରିବାର ବାଟ
କେବେ କମ୍ ହେଇନି ଜିଜୀବିଷା।

ଏଯାଏଁ ସେମାନେ ଶିଖିଲେନି
ପ୍ରାର୍ଥନା କରିବା
ନା ହେଲାନି ବି
ମୂଳ ଥିବା ମାଟିକୁ
ମୁକ୍ତିର ଦୁଆର ଭାବି କର ଯୋଡିବା
ପାର୍ଥିବତା ପ୍ରତିକୂଳ ହେବା
ପରମାର୍ଥ ଚାହିଁବା, ମୋକ୍ଷ ମାଗିବା।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩
ଜଲାନ ଗଳ, ସମ୍ବଲପୁର-୨
(ମୋ) :୯୪୩୭୮୦୫୯୬୧

## ତୁମେ ଏମିତି ଆସିବ

**ରାଜେଶ ପୂଜାରୀ**



ମୋତେ କୃତ୍ରିମତା କି ମୁଁ କୃତ୍ରିମତାକୁ
ଜମାରୁ ପିନ୍ଧି ନଥିବା ବେଳେ
ତୁମେ ଆସିବ,
ଅଚାନକ୍ ଆସି ଦୋହଲାଇ ଦେବ
ଜୋର୍ ଜୋର୍ ଧକେଇବ ହୃଦୟ
ଷ୍ଟାଚ୍ୟୁ ହେଇଯିବ ଜୀବନ
ଚିତ୍ର ଚରିତ୍ର ସବୁ ଅଧା ରହିଯିବ !

ଆଖିବାଟେ ପ୍ରାଣ ବାହାରିଗଲା ଭଳି
କେବଳ ଅନେଇ ରହିବି
ସଜାଡ଼ି ପାରିବିନି ରତ୍ନଦୀପ
ସ୍ଫୁରିବନି ବନ୍ଦାଣଗୀତ ମୁହଁରୁ
ତୁମକୁ ତୁମେ ବୋଲି ଭରସି ନଯିବି।

ଅଳନ୍ଧୁଲଗା ଛାତ
ଛିନ୍ନଛତ୍ର ପିନ୍ଧାଲୁଗା, ବହିପତ୍ର
ତେଲଛିଟା, ମସଲାଛିଟା
ଉଲଗ୍ନ ତରୁଣୀ ଭର୍ତ୍ତି ରଙ୍ଗଛଡ଼ା କାନ୍ଥ
ଅସନା ଅସନା ବାସନକୁଶନର ଗନ୍ଧ
କଣ ତୁମେ ଭାବିବ ?
ମୋ ଅସଂଯତ ବସା ଦେଖି
ଜମା ଭାବୁ ହିଁ ନଥିବି
କେବଳ ତୁମକୁ ତନ୍ନତନ୍ନ ନିରେଖୁଥିବି।

କିଛି କହିବା ଶୁଣିବା ଅବସ୍ଥାରେ ନଥିବ ସମୟ
ହଜୁଥିବି ମୁଁ, ହଜାଇ ଚାଲିଥିବ ତୁମେ
କ୍ରମଶଃ...
ଦୀପଟିଏ ପରି
ହସି ହସି ଲିଭିବାକୁ ଲାଗିବ...

ବିକଳ ହେଇ ଧାଉଁଥିବି
ଅଚାନକ୍ ଅସହ୍ୟ ଯନ୍ତ୍ରଣାରେ
ଭରିଯିବ ଛାତି, କଚାଡ଼ି ହେବି
ଝାଳନାଳ ଲୁହଲହୁରେ
ଜଡ଼ସଡ଼ ଗୋଟା ଦେହ;
କାନ୍ଦିବି ଛୋଟ ଛୁଆ ପରି
ହେଲେ ମୋ କାନ୍ଦ ତୁମେ ନ ଶୁଣିବ
ଜାଣେ, ସ୍ୱପ୍ନ ପରି ଆସିବ ଦିନେ
କାଚ ପରି ମୋତେ ଭାଙ୍ଗି ଚାଲିଯିବ।

♥ କୁଶମେଲ, କପିଲାପୁର,
ଭାୟା-ପଞ୍ଚଗାଁ, ଝାରସୁଗୁଡ଼ା- ୭୬୮୨୨୬
ମୋ: ୮୧୪୪୭୭୯୦୬୧

## ମାଆ

**ସମର୍ପିତା ପାଣିଗ୍ରାହୀ**



ମାଆ ! ପ୍ରକୃତିର ଏକ ନିରବ କବିତା।
ଯାହାକୁ ଆବୃତ୍ତି କରିହୁଏ ନାହିଁ,
କେବଳ ଅନୁଭବର ଏକ ପୋଥି।
ସେ କେବେ ଆକାଶ ପରି ଲାଗେ ବିଶାଳ
ଯାହାର ଅସୀମତାରେ ଲୁଚିଯାଏ
ହଜାର ହଜାର ଝଡ଼
ସେଥିପାଇଁ ପୃଥିବୀ ଶାନ୍ତ ହୁଏ।

କେବେ ସେ ବର୍ଷାର ପ୍ରଥମ ସ୍ପର୍ଶ !
ଯାହା ବିନା ଶବ୍ଦରେ
ଥକିଯାଇଥିବା ମନକୁ ସତେଜ କରେ।
କେବେ ସେ ନିରନ୍ତର ବହୁଥିବା ନଦୀ,
ନିଜ ଗନ୍ତବ୍ୟକୁ ପଛରେ ରଖି
ଅପରର ତୃଷ୍ଣା ମେଣ୍ଟାଉଥିବା
ଏକ ନିରୀହତା।
ଆଉ କେବେ ପଶ୍ଚିମ ଆକାଶର ସୂର୍ଯ୍ୟ
ଧୀରେ ଧୀରେ ନିଜକୁ କ୍ଷୟ କରି
ପୁନଶ୍ଚ ସାଉଁଟେ ଅନ୍ୟ ଜୀବନ ପାଇଁ ଆଲୋକ।

କହି ହେଉ ନଥିବା ମାଆର ସ୍ନେହ
ଦେଖେଇ ହେଉ ନ ଥିବା ମାଆର ମମତା
ସବୁ ଭିନ୍ନରୂପା।
କେବେ ଘୋଡ଼େଇ ରଖାଯାଇଥିବା
ଖାଦ୍ୟର ଉଷ୍ମତାରେ,
କେବେ ରାତିକୁ ଚିରି
ଅପେକ୍ଷା କରିଥିବା ଆଖିରେ,
ମୋ ଝୁଣ୍ଟି ପଡିବା ଆଶଙ୍କାରେ...
ଉଠେଇ ଦେବାବେଳ କଠୋରତାରେ...
ଆଉକେବେ ଅଜାଣତେ ଅକାରଣେ
ମୋ ନାମ ଉଚ୍ଚାରଣରେ,
ଏମିତି ଏଇ ଛୋଟଛୋଟ ଯତ୍ନରେ
ମାଆ କେବଳ ମାଆ ।

♥ +୨ ବିଜ୍ଞାନ ଛାତ୍ରୀ
ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦

## ପାଉଁଜିର ପାଣ୍ଡୁଲିପି-୧୯

**ବିପିନ ମହାନ୍ତି**

### ପାଗଳ ପ୍ରେମୀ ମୁଁ



ପ୍ରେମ ପାଇଁ ପୁଣି ପାପ ଆଉ ପୁଣ୍ୟ ପ୍ରାପ୍ତିର ପାଠଶାଳା
ପ୍ରେମ ପରା ଗୋଟେ ପ୍ରୀତି ପୁରୁଷର ପବିତ୍ର ଗାନ୍ଧର୍ବ ଲୀଳା
ପ୍ରେମିକା ବି ପୁଣି ଛଳଛଳ ନଈ ଛଳନାର ମରୁଭୂଇଁ
ଛୋପରୀ ଛଟକୀ ଛୁରୀ ମାରେ ଛକି ଛୁଆଁଛୁଇଁ ଖେଳ ପାଇଁ।

ପାଗଳ ପ୍ରେମୀ ମୁଁ ପାଖରେ ପାଇଲେ ପଦ୍ମତୋଳା ପଢ଼େ ପଦେ
ପ୍ରଚଣ୍ଡ ପ୍ରତାପୀ ପ୍ରେମିକା ବି ମୋର ବଶୀଭୂତ ପ୍ରେମ ଗଦେ
ପ୍ରତିଟି ପହରେ ପଦ୍ମବନରେ ମୁଁ ପଳପଳ ହୋଇ ଜଳେ
ଫଁ କରୁଥିବା ନାଗୁଣୀ ଫଣାରେ ଫଣା ଯୋଡ଼ି ପୁଣି ଖେଳେ।

ପୋଷପୋଷ କରି ପାପୁଲିର ମୋର ପିଇଛି ମୁଁ ପ୍ରେମସୁଧା
ପିଆଲାରୁ ପ୍ରେମ ନିଗାଡ଼ି ନିଗାଡ଼ି ସାରିଛି ମୁଁ ଶେଷବୁନ୍ଦା
ନିଶାରେ ନିଶାରେ ନିଶିଗନ୍ଧା ସାଥେ ନିଶି ପୁହାଇଛି କେତେ
ନିଃଶବ୍ଦ ନୂପୁର ନାହିଁନାହିଁ ସ୍ୱର ନୀରବି ଡାକିଛି ମୋତେ।

ଫେରେଇ ଦେଇନି ଅମା ଅନ୍ଧକାରେ ନିଶିଥରେ କେହି ମୋତେ
ଫେରିନି ମୁଁ କେବେ କା' ପ୍ରେମ ଦୁଆରୁ ମନମାରି ଖାଲିହାତେ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କେମିତି ଖୁସି ହେବି, ଏତେ କଷ୍ଟରେ

**ନୀଳମାଧବ କର**



କେବେ ତମେ ଦୁଃଖରେ ନ ଥିଲ କି ?
ତା ଭିତରେ ବି ଖୁସି ଥିଲା,
ଆନନ୍ଦର ଫଲଗୁ ଥିଲା

ଏଇମିତି ଫେଣ୍ଟାଫେଣ୍ଟି ଜୀବନ
ଦୁଃଖ ଭିତରେ ହିଁ,
ସୁଖକୁ ଖୋଜିବାକୁ ହେବ,
ସୁଖ ଭିତରେ ଦୁଃଖକୁ ଘୋଡ଼େଇ,
ଜୀଇଁବାକୁ ହେବ ଜୀବନ

ଦୁଃଖ ମିଳେଇ ଯିବନି, ହଜିଯିବନି,
ସେମିତି ସୁଖ ବି
ଏସବୁକୁ ଚିହ୍ନିବାକୁ ହେବ କେବଳ,
ସୁଖରେ ନ ଉଛୁଳି,
ନ ବହି ଦୁଃଖରେ
ତଉଲି ଦିନସବୁ,
ପାଗ ବାରି,
ଜୀବନରେ ବଞ୍ଚିବାକୁ ହେବ

♥ ଓଲଭରହାମ୍ପଟନ, ୟୁକେ

## ॥ ସବୁ ରାଗରୁଷା ଭୁଲିଯାଅ ॥

**ବାବାଜୀ ଚରଣ ଜେନା**



ରୋଷେଇ ଶାଳରୁ ଘର ବାରି ଓଳା
ସକାଳରୁ ସଞ୍ଜ ଲାଗିଥାଅ
କେବେବା କେମିତି ଦେଖା ହୋଇ ଗଲେ
ଆଡ଼େଇକି ତମେ ଚାଲି ଯାଅ
ବାପା ବୋଉ କଥା ବୁଝୁ ଥାଅ ....।

ବାପାଙ୍କ ପାଇଁକି କୋଳଥ ଡାଲିଲୋ
ବୋଉ ପାଇଁ ମଞ୍ଜା ରାଇ
ଦିଅର ପାଇଁକି ମାଛ ଚଡ଼ ଚଡି
ଜେଜୀର ପଖାଳ ଦହି
ତମରି ବେଳକୁ ଥାଉକି ନଥାଉ
ମୋ ପାଖରେ ସବୁ ବାଢି ଦିଅ
ଲୁଣ ଲଙ୍କାରେ ଚଳେଇ ନିଅ .... ।

ନଣନ୍ଦକୁ କେବେ ସଜ କରୁଥାଅ
ମିଠା ମିଠା କଥା କହି
ପରଘରୀ ହେଲେ ଚଳିବ କେମିତି
ଶିଖାଅ ବୁଝେଇ ଦେଇ
ଗୁଲୁ ଗୁଳି ଯୋଗୁ ଶୋଇ ପାରେ ନାହିଁ
ପାଖେ ବସି ରହି ବିଞ୍ଚୁଥାଅ
ସବୁଭୁଲି ତମେ ହସୁ ଥାଅ .... ।

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

# ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କୌଣସି ସନ୍ଦେହର ଅବକାଶ ନାହିଁ : ପୁଷ୍ପାଞ୍ଜଳି କର

**ପୁଷ୍ପାଞ୍ଜଳି କର**

ଓଡିଆ ସାହିତ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ବିଳମ୍ବରେ ସାହିତ୍ୟ ଜଗତକୁ ପ୍ରବେଶ କରିଥିଲେ ମଧ ଅଦ୍ୟାବଧି କୋଡିଏରୁ ଉର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା । କବିତାରୁ ସାହିତ୍ୟ ଜଗତକୁ ପ୍ରବେଶ ହେଲେ ମଧ ଏବେ ଗଳ୍ପର ପରିଧି ଡେଇଁ ତାଙ୍କ ସୃଷ୍ଟି ସବୁ ଉପନ୍ୟାସର ରୂପ ନେବାକୁ ମୁଖର । ତାଙ୍କ ଗଳ୍ପ ଓ ଉପନ୍ୟାସରେ ସମାଜରେ ଦେଖାଦେଉଥିବା ସମସ୍ୟା ଓ ତାର ସମାଧାନ ଦିଗରେ ତାଙ୍କ ପ୍ରଚେଷ୍ଟା ତାଙ୍କୁ ଦେଇଛି ଅନନ୍ୟ ପରିଚୟ । "ପ୍ରକୃତ ଲେଖକଟିଏ ନିଶ୍ଚିତ ଭାବରେ ଆଣିପାରିବ ସମାଜରେ ପରିବର୍ତ୍ତନ; କିନ୍ତୁ ସେଥିପାଇଁ ପ୍ରଥମେ ତାକୁ ଛାଡ଼ିବାକୁ ହେବ ପ୍ରବଞ୍ଚନା, ଉଚ୍ଚାରଣ ଓ ଆଚରଣର ସାମ୍ୟତା ରଖିବାକୁ ପଡ଼ିବ " ବୋଲି କହୁଥିବା ଲେଖିକାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **ଅଳ୍ପରେ ପୁଷ୍ପାଞ୍ଜଳି କର**



ନାମ- ପୁଷ୍ପାଞ୍ଜଳି କର
ଜନ୍ମତାରିଖ- ୩୦.୦୯.୧୯୬୫
ବାପାଙ୍କ ନାମ - ଚକ୍ରଧର କର
ମାତାଙ୍କ ନାମ- ନିଶାମଣି ଦେବୀ
ସ୍ଥାୟୀ ଠିକଣା- ଏଚ.ଆଇ.ଜି-୧୧୦
କେ-୫, କଳିଙ୍ଗବିହାର, ଭୁବନେଶ୍ୱର
ପିନ- ୭୫୧୦୧୯
ମୋ: ୯୪୩୭୪୨୨୩୭୯

**ପକାଶିତ ପୁସ୍ତକ**

ଗଳ୍ପ ସଂକଳନ
୧. ଦୂର ପର୍ବତ
୨. କୃଷ୍ଣଚୂଡ଼ାର ମୃତ୍ୟୁ
୩. ଦୋଛକି
୪. ଚନ୍ଦନପେଡ଼ି
୫. ଡାକବଙ୍ଗଳା
୬. ଉପେକ୍ଷିତ ଯଶୋଦା
୭. ସୋଲମେଟ୍
୮. ସର୍ବଭୂତେଷୁ

ଉପନ୍ୟାସ
୧. ଭଙ୍ଗା ଆକାଶରେ ଲେଉଟାଣି ତାରା
୨. ମତେ ସବୁ ଭୁଲେଇ ଦିଅ
୩. ଅଭିଶପ୍ତା ଈଶ୍ୱରୀ
୪. ଅତୁଟ ଜୀବନ ରଙ୍ଗ
୫. ନେପଥ୍ୟ ନାୟିକା
୬. ଯଶୋଧାରା
୭. ପଥ ଅସରନ୍ତି
୮. ଛାୟାସ୍ରୟ
୯. ଅହଲ୍ୟା
୧୦. ଉର୍ମିଳା
୧୧. Hidden melody behind hardhis life

ଭ୍ରମଣ କାହାଣୀ
୧. ପ୍ରକୃତିର କେତେରୂପ
୨. ଭିନ୍ନ ଦେଶ ଭିନ୍ନ ପ୍ରକୃତି

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସତ କହିବାକୁ ଗଲେ ମୋର ସାରସ୍ୱତ ଯାତ୍ରା ଆରମ୍ଭ ହୋଇଥିଲା ଅନେକ ବିଳମ୍ବରେ । ଯଦିଓ ସ୍କୁଲ କଲେଜରେ ପଢ଼ିବା ବେଳେ ଛୋଟ ଛୋଟ ଛନ୍ଦୋବଦ୍ଧ କବିତା କିଛି ଲେଖି ଦେଉଥିଲି ବର୍ଷାଋତୁ, ନୂଆବର୍ଷ ଅବା ରଜପର୍ବକୁ ନେଇ । କିନ୍ତୁ ସେସବୁ ରଫ୍‌ଖାତାର ପୃଷ୍ଠା ଭିତରେ ଜନ୍ମ ହୋଇ ସମସ୍ତଙ୍କ ଅଲକ୍ଷ୍ୟରେ ମୃତ୍ୟୁଲାଭ କରୁଥିଲେ । ବିଧିବଦ୍ଧ ଭାବରେ ଗଳ୍ପ ରଚନା ମୋର ଆରମ୍ଭ ହୋଇଥିଲା ଦୁଇହଜାର ନଅ/ଦଶ ମସିହା ବେଳକୁ, ଯେତେବେଳେ ଏକା ସମୟରେ ସ୍ୱାମୀଙ୍କର କଲିକତା ଟ୍ରାନସଫର ହୋଇଥିଲା ଓ ପୁଅ ଏନ୍‌ଆଇଟିରେ ପଢ଼ିବା ପାଇଁ ଚାଲିଗଲା ରାଉରକେଲା । ସଂପୂର୍ଣ୍ଣ ଏକୁଟିଆ ହୋଇଯାଇଥିଲି ମୁଁ । ସେହି ଏକୁଟିଆ ପଣରୁ ମୁକ୍ତି ପାଇବା ପାଇଁ ବୋଧହୁଏ ମୋ ଭିତରେ ଲୁଚି ରହିଥିବା ମୋର ସହଜାତ ସାହିତ୍ୟିକ ସତ୍ତା ବ୍ୟାକୁଳ ହେଲା, ଫଳରେ ମୋ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣା, ମୁଁ ଭେଟୁଥିବା ଅନେକ ଚରିତ୍ର ଯେଉଁମାନେ ପ୍ରଭାବିତ କରୁଥିଲେ ମୋ ମନ, ହୃଦୟ, ସେମାନଙ୍କୁ ନେଇ ଛୋଟଛୋଟ ଗଳ୍ପ ଲେଖିବାକୁ ଆରମ୍ଭ କଲି । ଧୀରେ ଧୀରେ ଗଳ୍ପର କାନ୍‌ଭାସ ଛୋଟ ମନେହେଲା ମୋର ଭାବ ପ୍ରକାଶ ପାଇଁ । ମୋର ଗଳ୍ପସବୁ ଉପନ୍ୟାସଧର୍ମୀ ବୋଲି କହିଥିଲେ କେତେଜଣ ଶୁଭଚିନ୍ତକ । ତେଣୁ ଉପନ୍ୟାସ ଜଗତରେ ପ୍ରବେଶ କଲି । ପ୍ରଥମ ଉପନ୍ୟାସ ଥିଲା ମୋର 'ଭଙ୍ଗା ଆକାଶରେ ଲେଉଟାଣି ତାରା' ଯାହାର ପୃଷ୍ଠରେ ଥିଲା ଦିଲ୍ଲୀର ନିର୍ଭୟା ଗଣଦୁଷ୍କର୍ମ ଘଟଣା । ଉପନ୍ୟାସର କଳେବର ବୃଦ୍ଧି ପାଇଲା ଯେତେବେଳେ ଲେଖିଲି ମୁଁ କସ୍ତୁରବା ଗାନ୍ଧୀଙ୍କ ଜୀବନୀ ଉପନ୍ୟାସ 'ନୈପଥ୍ୟ ନାୟିକା' । ପରେ ପରେ କିଛି ପୌରାଣିକ ଚରିତ୍ରମାନେ ଆଚ୍ଛନ୍ନ କଲେ । ମୋ ଦ୍ୱାରା ସେମାନେ ନିଜକୁ ନିଜେ ଲେଖେଇ ନେଲେ। ମୁଁ ନିମିତ୍ତମାତ୍ର ହୋଇ ଲେଖି ଚାଲିଲି ଯଶୋଧାରା, ଅହଲ୍ୟା ଓ ଉର୍ମିଳାଙ୍କ ପରି କାଳଜୟୀ ଚରିତ୍ରମାନଙ୍କୁ । ଚାରିଧାଡ଼ି କବିତାରୁ ଆରମ୍ଭ କରିଥିଲି ଲେଖିବା, କିନ୍ତୁ ଆଜି କବିତା ଅପେକ୍ଷା ଉପନ୍ୟାସ ରଚନାରେ ଅଧିକ ସହଜବୋଧ କରୁଛି ମୁଁ । ଅଭିମାନରେ କବିତା ବୋଧହୁଏ ଦୂରେଇ ଯାଇଛି ମୋ ଠାରୁ ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ କାହାକୁ ସ୍ମରଣ କରିବେ ଆପଣ ?**

■■ ଯଦିଓ ବିଧିବଦ୍ଧ ସାହିତ୍ୟ ରଚନା ଆରମ୍ଭ କରିଥିଲି ମୁଁ ଅନେକ ବିଳମ୍ବରେ, କିନ୍ତୁ ପଢ଼ିବାର ପ୍ରବୃତ୍ତି ମୋର ପିଲାବେଳରୁ ଥିଲା । ବାପା, ବୋଉ ସାହିତ୍ୟ ଅନୁରାଗୀ ଥିଲେ । ବାପା 'ଅଗ୍ନିସୋମ ଶକ୍ତିତତ୍ତ୍ୱ' ଶ୍ୟାମା ଭଜନ ଓ ଭଗବତ୍‌ଗୀତାର ବିଶ୍ଳେଷଣ କରି ଅନେକଗୁଡ଼ିଏ ଆଧ୍ୟାତ୍ମିକ ପୁସ୍ତକ ରଚନା କରିଥିଲେ । ଘରକୁ ଜହ୍ନମାମୁ, ମନପବନ ପରି ପତ୍ରିକାସବୁ ଆସୁଥିଲା ଯାହାକୁ ପଢ଼ି ଅଳ୍ପ ବୟସରୁ ପାଠିକାଟିଏ ହୋଇପାରିଥିଲି ମୁଁ । ସ୍କୁଲରେ ପଢ଼ିଲା ବେଳେ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟଙ୍କର 'ବର୍ଷା ବସନ୍ତ ବୈଶାଖ' ଉପନ୍ୟାସଟିକୁ ଏକାଧିକ ବାର ପଢ଼ି ନାୟିକା ସୁଲଗ୍ନା ଭାବରେ ନିଜକୁ କଳ୍ପନା କରି ଏକ ଅତିନ୍ଦ୍ରୀୟ ଜଗତରେ ବିଚରଣ କରୁଥିଲି । ପ୍ରକୃତି ପ୍ରେମ ମୋ ଭିତରେ ପିଲାବେଳରୁ ଥିଲା । ମତେ ଗଭୀର ଭାବରେ ପ୍ରଭାବିତ କରୁଥିଲେ ଜହ୍ନରାତି, କଇଁଫୁଲ ଭରା ପୋଖରୀ, ହଳଦୀବସନ୍ତ ଯୋଡ଼ି ଓ ଆଦ୍ୟ ଆଷାଢ଼ରେ ବର୍ଷାର ସ୍ପର୍ଶରେ ମାଟିରୁ ବାହାରୁଥିବା ଗନ୍ଧ । ସମ୍ବେଦନଶୀଳ ମନ ହିଁ ଥିଲା ମୋ ଲେଖିବାର ଆଦ୍ୟ ପ୍ରେରଣା । ଗଳ୍ପ ଜଗତରେ ପ୍ରବେଶ କରିବା ପରେ ଅନେକ ପ୍ରେରଣା ମୁଁ ପାଇଛି ବିଶିଷ୍ଟ ସାହିତ୍ୟିକ ମାନଙ୍କଠାରୁ । ବ୍ୟାଙ୍କରେ ପରିଚୟ ହୋଇଥିଲା ମୋର ଓଡ଼ିଆ ସାହିତ୍ୟର ପ୍ରଣମ୍ୟ ପୁରୁଷ ପିତୃପ୍ରତିମ ବିଭୂତି ପଟ୍ଟନାୟକ ସାର୍‌ଙ୍କ ସହିତ । ମୋର ଅନଭିଜ୍ଞ ହାତର ଲେଖା ଗଳ୍ପ ସବୁକୁ ପଢ଼ି ସେ ମତେ ଅନେକ ପ୍ରେରଣା ଦେଇଥିଲେ । କହିଥିଲେ, 'ତୋ ଭିତରେ ଲେଖକୀୟ ସାମର୍ଥ୍ୟ ଅଛି, ତୋର ଭାଷା ସମୃଦ୍ଧ, କବିତା ନୁହେଁ ଗଳ୍ପରେ ମନୋନିବେଶ କର, ତୋ ଗଳ୍ପରେ କବିତା ଅଛି ।' ତାଙ୍କର ଏଇ କେଇପଦ କଥା ମୋ ଆତ୍ମବିଶ୍ୱାସକୁ ଜାଗ୍ରତ କରେଇ ମତେ କିଛି ଲେଖିବାର ପ୍ରେରଣା ଦେଇଥିଲା । ଅଧ୍ୟାପକ ବିଶ୍ୱରଞ୍ଜନ, ବନଜ ଦେବୀ, ପ୍ରବୀଣା ମହାନ୍ତି, ଜୟନ୍ତୀ ରଥଙ୍କ ପରି ବିଶିଷ୍ଟ କଥାକାର ମାନେ ଯାହାଙ୍କର ଲେଖାର ମୁଁ ଜଣେ ମୁଗ୍ଧ ପାଠିକା, ସେମାନେ ସମସ୍ତେ ପ୍ରତ୍ୟକ୍ଷ ପ୍ରେରଣା ଦେଇଛନ୍ତି । ମୋ ପ୍ରିୟ ପାଠକପାଠିକା ମାନେ ମଧ ଫୋନ୍ ଆଉ ଚିଠି ମାଧ୍ୟମରେ ଗଭୀର ଭାବରେ ପ୍ରେରିତ କରିଛନ୍ତି ମୋର ଲେଖକୀୟ ସତ୍ତାକୁ ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ସାହିତ୍ୟ ହେଉଛି ସମାଜର ଦର୍ପଣ । ସମାଜରେ ଭଲ, ମନ୍ଦ ଯାହାକିଛି ଘଟଣା ଘଟୁଥାଏ, ତାହା ପ୍ରଭାବିତ କରେ ଜଣେ ଲେଖକର ଭାବନାକୁ । ଯେଉଁ ସମୟରେ ସମାଜରେ ଜମିଦାରୀ ପ୍ରଥା ଓ ନାରୀଶିକ୍ଷା ଥିଲା ପ୍ରମୁଖ ସମସ୍ୟା ସେତେବେଳେ ଫକୀର ମୋହନଙ୍କ ଲେଖନୀରୁ ସୃଷ୍ଟି ହୋଇଥିଲା ରେବତୀ ଓ ଛମାଣ ଆଠଗୁଣ୍ଠ ପରି କାଳଜୟୀ ଗଳ୍ପ ଉପନ୍ୟାସ । ସେତେବେଳର ସାମାଜିକ ସମସ୍ୟା ବର୍ତ୍ତମାନର ସମସ୍ୟାଠାରୁ ଭିନ୍ନ ଥିଲା । ବର୍ତ୍ତମାନର ଆଧୁନିକ ସମାଜରେ ଯେତେବେଳେ ହଜିଗଲାଣି ଯୌଥ ପରିବାରର ପରମ୍ପରା, ଅବକ୍ଷୟ ହୋଇଗଲାଣି ସାମାଜିକ ମୂଲ୍ୟବୋଧ, ସେତେବେଳେ ଛାଡପତ୍ର ଆଉ ବୟସ୍କ ମାନଙ୍କୁ ଅଣଦେଖା ପରି ସମସ୍ୟା ସବୁ ଚିନ୍ତା ଉଦ୍ରେକକାରୀ । ବିଶ୍ୱସ୍ତରରେ ନିଜର ମହତ୍ତ୍ୱାକାଂକ୍ଷାର ପୂର୍ତ୍ତି ପାଇଁ ବୃହତ୍ ଶକ୍ତି ମାନଙ୍କର ଯୁଦ୍ଧର ଆହ୍ୱାନ ମଧ ଏକ ପ୍ରମୁଖ ସମସ୍ୟା ବର୍ତ୍ତମାନ ସମୟର । ଆଜିକାଲି ଗାଁରୁ ସହର ସବୁଠାରେ ଗଢ଼ି ଉଠିଲାଣି ଅନେକ ବୃଦ୍ଧାଶ୍ରମ । ପରିବାରରେ ଅବାଞ୍ଛିତ, ଅବହେଳିତ ଜୀବନ ବଞ୍ଚିବା ଅପେକ୍ଷା ବୃଦ୍ଧାଶ୍ରମରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି ବୟସ୍କମାନେ । କେବଳ ଗରିବ ନୁହଁନ୍ତି ଆର୍ଥିକ ସ୍ୱଚ୍ଛଳ ବୟସ୍କମାନେ ମଧ ପିଲାଙ୍କର ଅନୁପସ୍ଥିତି ହେତୁ ପଇସା ଦେଇ ସୁବିଧା ଉପଲବ୍ଧ ବୃଦ୍ଧାଶ୍ରମରେ ରହିବାକୁ ଇଚ୍ଛା କରୁଛନ୍ତି । କିନ୍ତୁ ଯେତେ ସୁବିଧା ଥିଲେ ମଧ ସତରେ କଣ ପରିବାରର ସୁଖ ପାଉଛନ୍ତି ସେମାନେ ବୃଦ୍ଧାଶ୍ରମରେ ? ଠିକ୍ ସେମିତି ଛାଡ଼ପତ୍ର ମଧ ଏକ ଗୁରୁତର ସମସ୍ୟା ଆଜିର ସମୟରେ । ଦାମ୍ପତ୍ୟ ଜୀବନରେ ବୁଝାମଣା ଶବ୍ଦଟି ଲୋପ ପାଇଗଲାଣି ଜୀବନ ଅଭିଧାନରୁ । ନିଜର ଅହଂକାର ପାଇଁ ଭାଂଗି ଯାଉଛି କେତେ କେତେ ବ୍ୟବସ୍ଥିତ ପରିବାର । ବର୍ତ୍ତମାନ ଯୁଦ୍ଧର ଘନଘଟାରେ ଅଶାନ୍ତ ସମଗ୍ର ବିଶ୍ୱ । ଆଜିର ସମୟରେ ଆକାଶ, ସମୁଦ୍ରରେ ହେଉଥିବା ଯୁଦ୍ଧ ଫଳରେ ବାୟୁ, ଜଳ ପରି ପ୍ରାକୃତିକ ଶକ୍ତି ସବୁର ପ୍ରଦୂଷଣ ଘଟୁଛି ଯାହାକୁ ଜାଣି ମଧ ଅଣଦେଖା କରୁଛନ୍ତି ଯୁଦ୍ଧର ଡାକରା ଦେଉଥିବା ଶକ୍ତିଶାଳୀ ରାଷ୍ଟ୍ରମାନେ । ପ୍ରତିବଦ୍ଧ ଲେଖକଟିଏ ନିଷ୍ଠାପର ଭାବରେ ଚେଷ୍ଟା କରୁଥାଏ ଏ ସମସ୍ୟା ସବୁର ସମାଧାନ ପାଇଁ ତା ଲେଖା ମାଧ୍ୟମରେ । ଲେଖା ଦ୍ୱାରା ସାମାଜିକ ପରିବର୍ତ୍ତନ ଘଟିବାର ଅନେକ ଉଦାହରଣ ରହିଛି ଆମ ସାହିତ୍ୟ ଇତିହାସରେ । ତେଣୁ ଶତପ୍ରତିଶତ ନହେଲେ ମଧ କିଛି ତ ପରିବର୍ତ୍ତନ ନିଶ୍ଚୟ ଘଟିବ । ଲେଖକର ଲେଖନୀ କୌଣସି ଅସ୍ତ୍ରଠାରୁ କମ୍ ଶକ୍ତିଶାଳୀ ନୁହେଁ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ଅନୁପାତରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଏ ସମସ୍ୟାର ସମାଧାନ ହୋଇପାରିବ ?**

■■ ଏକଥା ସତ ଯେ ପୂର୍ବ ସମୟ ସହିତ ତୁଳନା କଲେ ବର୍ତ୍ତମାନ ଅଧିକ ଗଳ୍ପ ଓ କବିତା ଲେଖା ହେଉଛି । କିନ୍ତୁ ପରିମାଣ ଅଧିକ ହେଲେ ମଧ ଗୁଣାତ୍ମକ ରଚନାର ସଂଖ୍ୟା କମ୍ ରହୁଛି । ତାର ଅନେକ କାରଣ ମଧ ରହିଛି । ଆଗରୁ ଲେଖକଟିଏ କୌଣସି ବିଷୟରେ ଲେଖିବାକୁ ଚିନ୍ତା କଲେ ପ୍ରଥମେ ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରି ତା ଉପରେ ଚିନ୍ତନ ମନନ କରି ସୃଷ୍ଟିଟିଏ କରୁଥିଲା, ଯାହାକି ଏକ ସଫଳ ସୃଷ୍ଟିରେ ପରିଗଣିତ ହେଉଥିଲା । ନିଜସ୍ୱ ଅନୁଭବରୁ କହିବି ମୁଁ ଯେ ଉପନ୍ୟାସଟିଏ ଲେଖିବା ପାଇଁ ଦେଢ଼ରୁ ଦୁଇବର୍ଷ ସମୟ ଲାଗିଯାଏ ମତେ । କିନ୍ତୁ ଆଜିର ସମୟରେ ଏ.ଆଇ, ଚାଟ୍ ଜିପିଟି ପରି ସଂସ୍ଥାସବୁ ବାହାରିବା ପରେ ଲେଖା ବା ଅନୁବାଦ ଏତେ ସହଜଲବ୍ଧ ହୋଇଗଲାଣି ଯେ, ଆଉ ସମୟ ବା ଶ୍ରମର ଆବଶ୍ୟକତା ପଡୁନାହିଁ ଲେଖକଟିଏକୁ । ଜଣେ ନୂଆ ଲେଖକଙ୍କ ଠାରୁ ଶୁଣିଲି, ସ୍ଥାନର ବର୍ଣ୍ଣନା, ଚରିତ୍ରର ବର୍ଣ୍ଣନା ଆଉ ପରିସ୍ଥିତିର ବର୍ଣ୍ଣନା କରିଦେଲେ ଏ.ଆଇ କୁଆଡ଼େ ଗଳ୍ପ ମଧ ପ୍ରସ୍ତୁତ କରିଦେଉଛି । ସେ କଥା ଶୁଣି ଯେତିକି ଆଶ୍ଚର୍ଯ୍ୟ ଲାଗିଲା, ସେତିକି ଦୁଃଖ ମଧ ଲାଗିଲା । ଭାବିଲି, ଯଶକୀର୍ତ୍ତିର ମୋହରେ ଲେଖକଟିଏ ହୁଏତ ଏ ଚାଟ୍ ଜିପିଟି, ଏ.ଆଇକୁ ନିଜ ଲେଖାର ମାଧ୍ୟମ କରିପାରେ କିନ୍ତୁ ସାହିତ୍ୟକୁ ବଞ୍ଚେଇ ରଖିବା ଉଦ୍ଦେଶ୍ୟରେ ଲେଖିଥିବା ନିଷ୍ଠାପର ଲେଖକଟିଏ ତା'ର ସୃଜନଶକ୍ତିର ଉପଯୋଗ କରି ଲେଖି ଚାଲିଥିବ ସବୁ ଯୁଗରେ । ଏଇଠି ମନେପଡ଼େ ବିଶିଷ୍ଟ ସାହିତ୍ୟିକା ବନଜ ଦେବୀଙ୍କର ପଦେ କଥା । 'କାଳ ନିର୍ଣ୍ଣୟ କରିବ କେଉଁ ଲେଖାକୁ ସିଏ ବଞ୍ଚେଇ ରଖିବ ।' ପ୍ରକୃତ ଶ୍ରମ, ସମୟ ଓ ନିଷ୍ଠାରେ ଲେଖା ହୋଇଥିବା ଉଚ୍ଚାଙ୍ଗ ସାହିତ୍ୟ ହିଁ ବଞ୍ଚି ରହିବ କାଳକାଳ ପାଇଁ । କିନ୍ତୁ ପାଠକ କମି ଯାଉଥିବାର ଅଭିଯୋଗ ଭିତ୍ତିହୀନ । ନିରୁତା ପାଠକ ଆଜି ମଧ ଅଛନ୍ତି ଯେଉଁମାନେ ପତ୍ରିକା ବା ସମ୍ବାଦପତ୍ରରେ ଲେଖାଟିଏ ବାହାରିଲେ ଫୋନ୍ ବା ମେସେଜ୍ ମାଧ୍ୟମରେ ପ୍ରୋତ୍ସାହନ ଦିଅନ୍ତି ଲେଖକକୁ । ହଁ, ପଠନର ମାଧ୍ୟମ ଏବେ ବଦଳିଗଲାଣି । କେବଳ ପୁସ୍ତକ ଭିତରେ ଆଉ ସୀମିତ ହୋଇ ରହିନାହିଁ ପଢ଼ିବା । ଲେଖାଟିଏ ଲେଖି ତାକୁ ସଂଗେ ସଂଗେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ପରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଦେଲେ ତତ୍‌କ୍ଷଣାତ୍ ତାହା ପହଞ୍ଚି ଯାଉଛି ପାଠକଙ୍କ ନିକଟରେ । ୟୁଟ୍ୟୁବରେ ମଧ ଲେଖକମାନେ ନିଜର ଚ୍ୟାନେଲ ଖୋଲି ଅପ୍‌ଲୋଡ କରୁଛନ୍ତି ଲେଖା ସବୁକୁ । ଆଜିର ଏ ଦ୍ରୁତଗାମୀ ସମୟରେ ସମସ୍ତେ ବ୍ୟସ୍ତ ନିଜର ଚାକିରି ଓ କ୍ୟାରିଅରକୁ ନେଇ । କେବଳ ଗୋଟିଏ ବୟସ୍କ ପାଠକଗୋଷ୍ଠୀ ପୁସ୍ତକକୁ ଆପଣାଉଛନ୍ତି । ଯଦି ଆମେ ଗଳ୍ପ, ଉପନ୍ୟାସ ସବୁକୁ ଡିଜିଟାଲ ମାଧ୍ୟମରେ ଉପସ୍ଥାପନ କରିପାରିବା, ବହିର କଣ୍ଡଲ ଏଡିସନ୍ ଉପଲବ୍ଧ କରେଇପାରିବା, ଅଥବା ଅଡିଓବୁକ୍ ମାଧ୍ୟମରେ ପାଠକ ନିକଟରେ ବହିଟିକୁ ପହଞ୍ଚେଇ ପାରିବା, ତେବେ ବ୍ୟସ୍ତ କିନ୍ତୁ ଆଗ୍ରହୀ ମଣିଷମାନେ ତାଙ୍କର ସୁବିଧା ଅନୁସାରେ ମୋବାଇଲ ବା ଲ୍ୟାପଟପ୍‌ରୁ ପଢ଼ିପାରିବେ ଲେଖା ସବୁକୁ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ପ୍ରାୟ ହଜାରେରୁ ପନ୍ଦରଶହ ବର୍ଷ ପୁରାତନ ଆମ ଓଡ଼ିଆ ଭାଷା । ଆମ ରାଜ୍ୟ ପ୍ରଥମ ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ । ୨୦୧୪ରେ ଓଡ଼ିଆଭାଷା ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଛି । ଏସବୁ ଦୃଷ୍ଟିରୁ ଦେଖିଲେ ଆମ ଓଡ଼ିଆ ଭାଷା କେତେ ଯେ ସମୃଦ୍ଧ, ତାହା ଅନୁମାନ କରିହୁଏ । ତଥାପି ଆଜି କ୍ଷୋଭର ସହିତ କହିବାକୁ ପଡୁଛି ଯେ ଆମ ମାତୃଭାଷା ଆଜି ସଂକଟରେ । କାରଣ ତ ଅନେକ ରହିଛି । ଆମର ଶିକ୍ଷିତ ଲୋକମାନେ ପରସ୍ପର ସହିତ କଥା ହେଲାବେଳେ ଓଡ଼ିଆ ଅପେକ୍ଷା ଇଂରାଜୀ ବା ହିନ୍ଦୀରେ କହିବାକୁ ଅଧିକ ପସନ୍ଦ କରୁଛନ୍ତି। ହଁ ଏକଥା ସତ ଯେ ଇଂରାଜୀ ଭାଷା ଶିକ୍ଷା କରିବା ନିହାତି ଆବଶ୍ୟକ ଜୀବିକାର୍ଜନ ପାଇଁ । କିନ୍ତୁ ତା ଅର୍ଥ ନୁହଁ ଯେ ଆମେ ଆମର ମାତୃଭାଷାକୁ ଅବହେଳା କରିବା ବା କହିବାକୁ ଲଜ୍ଜାବୋଧ କରିବା । ଏପରି ହୀନମନ୍ୟତାକୁ ପ୍ରଥମେ ତ୍ୟାଗ କରିବାକୁ ହେବ ଆମକୁ । ଆମେ ନିଜେ ଆମ ଭାଷାକୁ ନେଇ ଗର୍ବ ଅନୁଭବ କରିପାରିଲେ ଆମର ପରପିଢ଼ିକୁ ସେ ଶିକ୍ଷା ଦେଇପାରିବା । କେବଳ ସାହିତ୍ୟ ନୁହେଁ ସରକାରୀ ସ୍ତରରେ ଏଥିପାଇଁ ଉଦ୍ୟମ ହେବା ନିତାନ୍ତ ଆବଶ୍ୟକ । କାର୍ଯ୍ୟାଳୟମାନଙ୍କରେ ଇଂରାଜୀ ସହିତ ସମାନ୍ତର ଭାବରେ ଓଡ଼ିଆରେ କାର୍ଯ୍ୟ ପ୍ରଣାଳୀ ପ୍ରଣୟନ କରିବା ଦରକାର । ଓଡ଼ିଆ ସଫ୍ଟୱେର ସବୁର ପ୍ରଚଳନ କରାଗଲେ ମୋବାଇଲ ଓ କମ୍ପ୍ୟୁଟରରେ ଅଭ୍ୟସ୍ତ ମଣିଷମାନେ ଓଡ଼ିଆରେ କାମ କରିବାକୁ ସହଜବୋଧ କରିବେ । ସମସ୍ତ ଉଦ୍ୟମ ନିଷ୍ଠାପର ଭାବରେ କରାଗଲେ ମାତୃଭାଷାର ସଂକଟ ନିଶ୍ଚୟ ଟଳିଯିବ, ଏହା ନିଃସନ୍ଦେହ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ସମାଜକୁ ବ୍ୟବସ୍ଥିତ କରିବାକୁ ହେଲେ ପ୍ରଥମେ ବ୍ୟକ୍ତିକୁ ବ୍ୟବସ୍ଥିତ ହେବାକୁ ପଡ଼ିବ, କାରଣ ବ୍ୟକ୍ତିକୁ ନେଇ ସମାଜ । ବର୍ତ୍ତମାନ ସମୟରେ ସାମାଜିକ ଅବ୍ୟବସ୍ଥାର ଅନେକ କାରଣ ରହିଛି । ସମସ୍ୟା ମଧ ବହୁମୁଖୀ । ଆଜିର ସମାଜ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ । କିନ୍ତୁ ଉନ୍ନତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ତଥା ଶିକ୍ଷାର ବହୁଳ ପ୍ରସାରଣ ସତ୍ତ୍ୱେ ଏ ସମାଜ ବ୍ୟବସ୍ଥିତ ହୋଇପାରୁନାହିଁ । ନୈତିକ ଶିକ୍ଷା ଓ ପ୍ରକୃତ ଜ୍ଞାନର ଅଭାବ ରହୁଛି । ନୈତିକତାର ଅଭାବରେ ସବୁଠାରୁ ଅଧିକ ପ୍ରଭାବିତ ହୁଏ ମୂଲ୍ୟବୋଧ, ଯାହା ଘଟୁଛି ଆଜିର ଆଧୁନିକ ସମାଜରେ । ଲେଖକଟିଏ ନିଶ୍ଚିତ ଭାବରେ ସମାଜ ସଂସ୍କାରକ ହୋଇପାରିବ । କାରଣ ସମାଜର ସମସ୍ୟା ହିଁ ଲେଖକର ଲେଖିବାର ଉପାଦାନ । ଲେଖା ମାଧ୍ୟମରେ ବ୍ୟକ୍ତିର ହୃଦୟର ପରିବର୍ତ୍ତନର ଅନେକ ଦୃଷ୍ଟାନ୍ତ ରହିଛି ଆମ ସାହିତ୍ୟ ଇତିହାସରେ । ନିଜ ଅନୁଭୂତିର କଥାଟିଏ କହିବି ମୁଁ । ମୋର 'ବଳି' ଗପଟିକୁ ଡିଟିପି କରୁଥିବା ପିଲାଟି ମତେ ଭାବପ୍ରବଣ ହୋଇ କହିଥିଲା, 'ମାଡାମ୍, ମୁଁ ଆଜିଠାରୁ ଆଉ ମଟନ୍ ଖାଇବି ନାହିଁ ବୋଲି ଘରେ କହି ଦେଇଛି ।' ସେହି ମୁହୂର୍ତ୍ତରେ ମୁଁ ଅନୁଭବ କରିଥିଲି ଲେଖାର ସାମର୍ଥ୍ୟକୁ । ପ୍ରକୃତ ଲେଖକଟିଏ ନିଶ୍ଚିତ ଭାବରେ ଆଣିପାରିବ ସମାଜରେ ପରିବର୍ତ୍ତନ । କିନ୍ତୁ ସେଥିପାଇଁ ପ୍ରଥମେ ତାକୁ ଛାଡ଼ିବାକୁ ହେବ ପ୍ରବଞ୍ଚନା, ଉଚ୍ଚାରଣ ଓ ଆଚରଣର ସାମ୍ୟତା ରଖିବାକୁ ପଡ଼ିବ । ଯାହା ସିଏ ଲେଖିବ ସମାଜ ପାଇଁ, ସେମିତି ଜୀବନ ତାକୁ ବଞ୍ଚିବାକୁ ପଡ଼ିବ । ତେବେ ଯାଇ ତା ଲେଖା ସାମର୍ଥ୍ୟ ରଖିବ ବ୍ୟକ୍ତି ତଥା ସମାଜ ପରିବର୍ତ୍ତନର । ଆଉ ମଧ ଲେଖାରେ କୌଣସି ଧାର୍ମିକ, ରାଜନୈତିକ ତଥା ବାଦର ପ୍ରଭାବ ନରହିଲେ, ସେ ଲେଖା ସାର୍ବଜନିକ ତଥା ସର୍ବକାଳିକ ହୋଇ ବ୍ୟକ୍ତି ଚେତନାକୁ ପ୍ରଭାବିତ କରି ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବ, ଏ ବିଶ୍ୱାସ କରାଯାଇ ପାରେ ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ବିଷୟରେ କଣ କହିବେ ?**

■■ ଜୀବନ ପରି ସାହିତ୍ୟ ମଧ ଏକ ନିରନ୍ତର ଗତିଶୀଳ ପ୍ରବାହ । ଜୀବନତତ୍ତ୍ୱ ଚିରନ୍ତନ । କିନ୍ତୁ ସେ ତତ୍ତ୍ୱକୁ ଧାରଣ କରିଥିବା ଜୀବଟିଏ ମୃତ୍ୟୁର ଅଧିନ । ଠିକ୍ ସେମିତି ସୃଜନଶୀଳତା ଏକ ଚିରନ୍ତନ ପ୍ରକ୍ରିୟା, ଯଦିଓ ସେହି କ୍ଷମତାକୁ ଧାରଣ କରି ସୃଷ୍ଟି କରୁଥିବା ସ୍ରଷ୍ଟାଟିଏ ଏକ ସୀମିତ କାଳଖଣ୍ଡର ଧାରକ । ବେଦ, ଉପନିଷଦ, ପୁରାଣ, ଭାଗବତ, ଭଗବତ୍‌ଗୀତା ଆଦି ସୃଷ୍ଟି ସବୁ ରଚିତ ହୋଇଥିଲେ ଯୁଗ ଯୁଗ ପୂର୍ବରୁ । ସେ ଗ୍ରନ୍ଥ ସବୁର ରଚୟିତାମାନେ ହଜିଯାଇଛନ୍ତି କାଳଗର୍ଭରେ । କିନ୍ତୁ ସୃଷ୍ଟି ସବୁ ଆଜି ବି ବଞ୍ଚି ରହିଛନ୍ତି, ଆଉ ସେ ସୃଷ୍ଟି ସବୁ ମଧ୍ୟରେ ସୂକ୍ଷ୍ମ ଭାବରେ ବଞ୍ଚି ରହିଛନ୍ତି ତାର ସ୍ରଷ୍ଟାମାନେ । ଆମର ଆଖି ପାଉଥିବା କାଳଖଣ୍ଡକୁ ବୁଲି ଚାହିଁଲେ ଆମେ ଦେଖି ପାରିବା ସାରଳାଯୁଗ, ପଞ୍ଚସଖା ଯୁଗ ତଥା ସବୁଜ ଯୁଗର କବି ଓ ଲେଖକମାନଙ୍କୁ, ଯେଉଁମାନେ ଆଜି ମଧ ବଞ୍ଚି ରହିଛନ୍ତି ତାଙ୍କର କାଳଜୟୀ ଲେଖା ଭିତରେ । ବର୍ତ୍ତମାନ ଲେଖା ହେଉଥିବା ଅସଂଖ୍ୟ ସୃଷ୍ଟି ମଧ୍ୟରୁ କିଛି ସୃଷ୍ଟି ଯାହା କାଳକୁ ଜୟ କରିବାର କ୍ଷମତା ରଖିଥିବ, ତାହା ନିଶ୍ଚୟ ବଞ୍ଚି ରହିବ ଭବିଷ୍ୟତର ସମୟ ପାଇଁ । ଶହେ ବର୍ଷ ପରେ ମଧ କେବେ ନା କେବେ ପାଠକଟିଏ ଖୋଜି ବାହାର କରିବ ତାର ପୂର୍ବପିଢ଼ି ଦ୍ୱାରା ରଚିତ କାଳଜୟୀ ସୃଷ୍ଟିଟିକୁ, ଠିକ୍ ଯେମିତି ହଜାର ହଜାର ବର୍ଷ ପୂର୍ବେ ରଚିତ ଶ୍ରୀମଦ୍ ଭାଗବତ୍ ଗୀତା ଆଜି ମଧ ମାର୍ଗଦର୍ଶନ କରୁଛି ଆମ ସମୟର ଗୁଣଗ୍ରାହୀ ପାଠକ ତଥା ଚିନ୍ତକମାନଙ୍କୁ । ତେଣୁ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କୌଣସି ସନ୍ଦେହର ଅବକାଶ ନାହିଁ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଚାହିଁବେ ଆପଣ ?**

■■ ପୁରସ୍କାର ଏକ ସ୍ୱୀକୃତି ଓ ପ୍ରତ୍ୟକ୍ଷ ପ୍ରେରଣା ଲେଖକଟିଏ ପାଇଁ । କେବଳ ସାହିତ୍ୟ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ଅବସ୍ଥାରେ ଏ ସ୍ୱୀକୃତିର ମୂଲ୍ୟ ନିଶ୍ଚୟ ରହିଛି । ସାହିତ୍ୟ, ସଂଗୀତ, ନୃତ୍ୟ, କ୍ରୀଡ଼ା ବା ଅଧ୍ୟୟନ ସବୁକ୍ଷେତ୍ରରେ ସଫଳ ବ୍ୟକ୍ତିଟିଏ ଇଚ୍ଛାକରେ ତା ସାଧନାକୁ ଟିକିଏ ସ୍ୱୀକୃତି ମିଳୁ। କିନ୍ତୁ ସ୍ୱୀକୃତି ପାଇବାର ସେଇ କୋମଳଇଚ୍ଛା ଯେତେବେଳେ ମହତ୍ତ୍ୱାକାଂକ୍ଷା ପାଲଟି ଯାଏ, ଅଧୋଗତିର ମାର୍ଗ ଆପେ ଆପେ ଖୋଲି ଯାଏ । ଆଜିର ସମାଜରେ ଦୁଇ ପ୍ରକାରର ସାହିତ୍ୟିକ ଦେଖିବାକୁ ମିଳନ୍ତି । କେତେଜଣ ସାହିତ୍ୟିକ ଗଳ୍ପ ଲେଖା ଆରମ୍ଭ କରୁ କରୁ କେମିତି ଦଶଟି ଗଳ୍ପ ହେଇଗଲେ କେମିତି ବହିଟିଏ ପ୍ରକାଶ କରିବି ଚିନ୍ତା କରନ୍ତି । ଗୋଟିଏ ବହି ପ୍ରକାଶିତ ହେଲା ପରେ ସେହି ଗୋଟିଏ ବହିପାଇଁ ପାଞ୍ଚଟି ପୁରସ୍କାର ମଧ ପ୍ରାପ୍ତ ହୁଅନ୍ତି । ସେମାନେ ଲେଖନ୍ତି କେବଳ ନିଜର ମହତ୍ତ୍ୱାକାଂକ୍ଷାର ପୂର୍ତ୍ତି ପାଇଁ । ଆଉ ଗୋଟିଏ ଗୋଷ୍ଠୀ ହେଉଛନ୍ତି ନୀରବ ସାଧକ, ଯେଉଁମାନେ ଲେଖନ୍ତି ନିଜ ସାହିତ୍ୟକୁ ବଞ୍ଚେଇ ରଖିବା ପାଇଁ । ପୁରସ୍କାରର ମୋହ ସେମାନଙ୍କୁ ସାଧନା ପଥରୁ ବିଚ୍ୟୁତ କରିପାରେ ନାହିଁ । ଆଜିର ଏଇ ବିଜ୍ଞାପନର ଯୁଗରେ ସେମାନେ ହୁଏତ ଲୋକଲୋଚନକୁ ଆସି ପାରନ୍ତି ନାହିଁ । କିନ୍ତୁ ଓଡ଼ିଆ ବାଣୀ ଭଣ୍ଡାର ସମୃଦ୍ଧ ହେଉଥାଏ ସେମାନଙ୍କ କୃତି ସବୁରେ । ଏ ପରିପ୍ରେକ୍ଷୀରେ ଗୋଟିଏ କଥା ମନକୁ ଆସେ । ପୁରସ୍କାର ଜରୁରୀ ଏଇଥିପାଇଁ ଯେ, ପୁରସ୍କାର ହୋଇଥିବା ପୁସ୍ତକଟି ବିଜ୍ଞାପିତ ହୁଏ, ବିଭିନ୍ନ ଭାଷାରେ ଅନୁବାଦ ହେବାର ସୁଯୋଗ ପାଏ । ତାହା ଦ୍ୱାରା ଆମ ସାହିତ୍ୟ ଦେଶ, ବିଦେଶରେ ପହଞ୍ଚି ପାରେ । ଯଦି ଯୋଗ୍ୟ ସୃଷ୍ଟିଟିଏ ପୁରସ୍କୃତ ହୁଅନ୍ତା, ତେବେ ଓଡ଼ିଆ ସାହିତ୍ୟର ମର୍ଯ୍ୟାଦା ଦେଶ ବିଦେଶରେ ବଢ଼ନ୍ତା ଓ ଆମ ସାହିତ୍ୟ ସମୃଦ୍ଧ ସାହିତ୍ୟ ଭାବରେ ବଞ୍ଚି ରହନ୍ତା ଭବିଷ୍ୟତର ସମୟ ପାଇଁ । ଏ କ୍ଷେତ୍ରରେ ଆମର ସାହିତ୍ୟର ମଂଗୁଆଳ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବ୍ୟକ୍ତିଗତ ସ୍ୱାର୍ଥ ଭାବନାରୁ ବାହାରି ସାହିତ୍ୟର ଉନ୍ନତି କଳ୍ପେ ଯଦି ଲେଖକକୁ ନୁହେଁ, ଲେଖାକୁ ପୁରସ୍କାର ଦିଆଯାଆନ୍ତା, ତେବେ ଆମ ସାହିତ୍ୟ ବିଶ୍ୱସ୍ତରରେ ପରିଚିତ ନିଶ୍ଚୟ ପାଆନ୍ତା ।

♥♥



ସୁଖୀ ପରିବାର : ସ୍ୱାମୀ, ପୁତ୍ର ଓ କନ୍ୟାଙ୍କ ସହ ଲେଖିକା ପୁଷ୍ପାଂଜଳି କର ।

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୨୩

ଜଗତ ଓ ଜୀବନ ସଂପର୍କରେ ଅସଲ ସତ୍ୟକୁ ଉପଲବ୍ଧି କରି ସେହି ମାର୍ଗ ଅନୁସରଣ କଲେ, ଅବଶ୍ୟ ସୁଫଳ ମିଳିବ।"- କହିଲେ ସ୍ୱାମୀଜୀ।

"ଅନୁଗ୍ରହକରି ମୋତେ ମାର୍ଗଦର୍ଶନ କରନ୍ତୁ ସ୍ୱାମିଜୀ !"

"ଜେନି, ତୁମେ ସେ ମାର୍ଗ ଜାଣିବା ପାଇଁ ସନ୍ନ୍ୟାସ ଧର୍ମରେ ତୁମକୁ ଦୀକ୍ଷିତ ହେବାକୁ ପଡ଼ିବ। ତେବେ ମୁମୂର୍ଷୁ, ପୀଡ଼ିତ ଓ ଅସହାୟ ମଣିଷଙ୍କ କିଞ୍ଚିତ ସହଯୋଗ କଲେ ଶୃଙ୍ଖଳାର ବ୍ୟତିକ୍ରମ ଘଟିବ ନାହିଁ।" - କହିଲେ ସ୍ୱାମୀଜୀ ଏବଂ ମନେମନେ ଭାବୁଥିଲେ, ଯଦି ଏ ବିଦେଶିନୀ ଭଲ ହୋଇଯାଏ କିମ୍ବା କିଛି ଚମତ୍କାର ଘଟେ, ତାହେଲେ ଇସକନ୍ ସଂସ୍ଥା ସହିତ ଯୋଡ଼ିହୋଇ ରହିବ, ଯାହା ଆଗାମୀ ଦିନରେ ମଠହିଁ ଉପକୃତ ହେବ। ଜେନିର ମନୋଭାବ, ଆଗ୍ରହ ଓ ଜିଜ୍ଞାସାକୁ ଲକ୍ଷ୍ୟ କରି ସେଦିନ ସ୍ୱାମୀଜୀ ଆଧ୍ୟାତ୍ମିକମାର୍ଗର କେତୋଟି ମାତ୍ର କଥା, ଜେନି ବୁଝିପାରିଲା ଭଳି ବଖାଣିଥିଲେ। ଖୁବ୍ ବେଶି ନିବିଷ୍ଟ ଚିତ୍ତରେ ଶୁଣିଥିଲା ଜେନି।

ସ୍ୱାମୀଜୀ ଯେତେଗୁଡ଼ିଏ ତାତ୍ତ୍ୱିକ ଆଲୋଚନା କରିଥିଲେ, ତହିଁରୁ ଜେନି ଏତିକି ମାତ୍ର ଜାଣିଲା ଯେ, ଶରୀର ଏବଂ ବିଶ୍ୱବ୍ରହ୍ମାଣ୍ଡ ସମାନ ତତ୍ତ୍ୱରେ ନିର୍ମିତ। ଏ ଦେହ ଦେଉଳ ସଦୃଶ। ତହିଁ ଭିତରେ ଅଧିଷ୍ଠିତ ଅଛନ୍ତି ପରଂବ୍ରହ୍ମ। ପଞ୍ଚପ୍ରାଣ ଏବଂ ପଞ୍ଚ ଇନ୍ଦ୍ରିୟ ମଧ୍ୟ ଏକ ଏକ ଦେବତା। ଏକାଗ୍ର ଚିତ୍ତରେ ଏଇ ଦେବତାଙ୍କର ଆରଧନା କଲେ ମନ ସ୍ଥିର ହୁଏ ଏବଂ ବିଷୟ ବାସନାରୁ ନିବୃତ୍ତ ରହିପାରେ। ମଣିଷ ଅତ୍ୟଧିକ ବିଷୟ ବାସନା ସହିତ ଜଡ଼ିତ ରହିଲେ (ଉଭୟ ପ୍ରାପ୍ତି ଏବଂ ଅପ୍ରାପ୍ତିରେ) ଶରୀର ବିକାରଗ୍ରସ୍ତ ହୁଏ। ପ୍ରାପ୍ତି, ଅପ୍ରାପ୍ତି, ମୋହ, ମାୟାରେ ପଡ଼ି ଅଧିକରୁ ଅଧିକ ଘାଣ୍ଟି ହୁଏ। ସୁତରାଂ ପାର୍ଥିବ ଜୀବନ କ୍ଲେଶପୂର୍ଣ୍ଣ ଏବଂ ଅପାର୍ଥିବ ଜୀବନ ଆନନ୍ଦରେ ପରିପୂର୍ଣ୍ଣ।

ଏମିତି କିଛି ତତ୍ତ୍ୱ ଓ ଦର୍ଶନ ସେଦିନ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ସ୍ୱାମିଜୀ ଶୁଣେଇଥିଲେ ଜେନିକୁ। ସ୍ୱାମିଜୀଙ୍କ ତତ୍ତ୍ୱପୂର୍ଣ୍ଣ ବାଣୀ ଶୁଣିଲା ପରେ ଏକ ପ୍ରକାର ପ୍ରଭାବିତ ହୋଇ ଯାଇଥିଲା ଜେନି। ତାଙ୍କ ଆଗରେ ସେଦିନ ଜେନି ସ୍ୱୀକାର କରିଥିଲା ନିଜର ଅପକର୍ମ। ଇନ୍ଦ୍ରିୟ ଲାଳସାରେ ବଶବର୍ତ୍ତୀ ହୋଇ ଯେଉଁ ଗର୍ହିତ କାର୍ଯ୍ୟ ଗୁଡ଼ିକୁ ସେ ନିଜ ଜୀବନଶୈଳୀ ଭିତରେ ଆପଣେଇ ନେଇଥିଲା, ସେ ସବୁ ଗୋଟି ଗୋଟି ବର୍ଣ୍ଣନା କରିଥିଲା ସ୍ୱାମୀଜୀଙ୍କ ଆଗରେ। ସବୁ ଶୁଣି ସାରି ସ୍ୱାମୀଜୀ ନିଦାନ ବତେଇଥିଲେ ଜେନିକୁ।

"ଓମ୍', ଏହାର ଶକ୍ତି ଅମାପ। ଏହା ଉଦ୍‌ଗୀତ ସାମଗାନ ସଦୃଶ ଏଥିରେ ଦେହରୂପୀ ଦେବାଳୟରେ ଅଧିଷ୍ଠିତ ସମସ୍ତ ଦେବତା ପ୍ରୀତ ହୋଇଥାନ୍ତି । ଉଭୟ ଦେହ ଓ ଆତ୍ମାକୁ ପବିତ୍ର କରିବାରେ ଏହା ଏକ ଅମୋଘ ଅସ୍ତ୍ର । ଶୁଦ୍ଧ ଚିତ୍ତରେ ମନକୁ ଆୟତ୍ତ କରି ବ୍ରାହ୍ମମୁହୂର୍ତ୍ତରେ ଏହାକୁ ସଠିକ୍ ଉଚ୍ଚାରଣ କର ଏବଂ କିଛି 'ମହତ୍ତର କାର୍ଯ୍ୟ'ରେ ନିଜକୁ ସମର୍ପି ଦିଅ। ଦେଖିବ କିଛିଦିନ ପରେ ଅର୍ଥାତ୍ ଯେତିକି ଦିନ ଧରି ତୁମେ ବିକାର ଗ୍ରସ୍ତ ଓ ନିରାନନ୍ଦ ଅଛ; ଠିକ୍ ସେତିକି ଦିନ ଅନ୍ତେ ତୁମେ ସେଥିରୁ ମୁକୁଳି ଆସିବ । ତା'ପରେ ତୁମେ ସୁସ୍ଥ, ବିକାର ଶୂନ୍ୟ ଓ ଆନନ୍ଦମୟ ଜୀବନ ଲାଭ କରିବ।" - କହିଲେ ସ୍ୱାମୀଜୀ।

ଜେନି ମୁଖରେ ହସ ଫୁଟି ଉଠିଲା। କହିଲା, "କେମିତି କେଜାଣି, ପୁରୀରେ ପାଦ ଥାପିବା ପରଠୁଁ ଆପଣାଛାଏଁ ଝଙ୍କୃତ ହୋଇଥିଲା ମୋ ଭିତରେ ସେହି ପବିତ୍ର 'ଓମ୍'। ମୁଁ ଭାବୁନାହିଁ ସେଇ ମନ୍ତ୍ରକୁ ନିର୍ଭୁଲ ଭାବେ ଉଚ୍ଚାରଣ କରିବାରେ ମୋର ଯୋଗ୍ୟତା ଅଛି ବୋଲି। ତେବେ ଅନୁଗ୍ରହ କରି ମୋତେ ସେ ଗୁରୁମନ୍ତ୍ରଟି ଠିକ୍ ରୂପେ ଶିଖେଇ ଦେଲେ ଏ ପାପିନୀ ଅନୁଗୃହୀତ ହେବ।"

"ସୁଯୋଗ ଆସିଲେ ମୁଁ ତାହା ତୁମକୁ ଶିଖାଇ ଦେବି। ଅବଶ୍ୟ ତାହା ତୁମର ଶିଷ୍ୟତ୍ୱ ଗ୍ରହଣ ପରେ। ଏବେ ତୁମେ ଆସିପାର।।"- କହିଲେ ସ୍ୱାମୀଜୀ।

ଆଶ୍ୱସ୍ତ ହେଲା ଜେନି। ଅଧୋମୁଖରେ ସ୍ୱାମୀଜୀଙ୍କୁ ପ୍ରଣାମ କରି ଲେଉଟି ଆସିଲା ଆପଣା କକ୍ଷକୁ। ରାଧିକାମାତାଙ୍କ କଥା ସତ୍ୟ । ସ୍ୱାମୀଜୀଙ୍କ କଥା ତାକୁ ଉଚିତ ମାର୍ଗଦର୍ଶନ କରିବ। ହେଲେ କେଉଁ ମହତ କାମ ସେ କରିବ ? ସେ କଥା ତ କିଛି କହିଲେ ନାହିଁ ?

ଏ କଥାକୁ ନେଇ ଚିନ୍ତାରେ ରହିଲା ଜେନି। ସାରା ଜୀବନ ବିତେଇଛି ସେ ନିଜ ପ୍ରବୃତ୍ତିର କୁମାର୍ଗରେ, ଏବେ କେଉଁ ମହତ କାର୍ଯ୍ୟକୁ ସେ ଆପଣେଇ ପାରିବ ?

ଜେନି ବୁଝିଲା, ଏହାର ସିଦ୍ଧାନ୍ତ ତାକୁ ହିଁ ନେବାକୁ ପଡ଼ିବ।

ଯା'ପରେ ଜେନି ପୁରୀର ବସ୍ତି ବସ୍ତି ଘୂରି ବୁଲିଛି। ଦେଖିଛି ନୋଳିଆ ବସ୍ତିର ଆବର୍ଜନା ପରିପୂର୍ଣ୍ଣ ଜୀବନକୁ, ଯେଉଁଠି ଲୋକେ, ଏପରିକି ନୂଆ ପିଢ଼ିର କିଶୋରମାନେ ମଦ ପିଉଛନ୍ତି । ଅପରିଷ୍କାର ଘରେ ରହୁଛନ୍ତି। ଲଙ୍ଗଳା ପିଲାମାନେ ବୁଲୁଛନ୍ତି ବସ୍ତିରେ, ସ୍କୁଲକୁ ଯାଉ ନାହାଁନ୍ତି। ଏସବୁ ସମସ୍ୟାକୁ ଦେଖି ଦେଖି ସେ ମର୍ମାହତ ହେଲା । କିଛଦିନ ସେମାନଙ୍କ ପଛରେ ପଡ଼ିଗଲା। ହେଲେ କୌଣସି ସୁଫଳ ମିଳିଲା ନାହିଁ ଏତେଗୁଡ଼ିଏ ଶ୍ରମରୁ । ଶେଷରେ ଅନ୍ୟକିଛି ଉପାୟ ନ ଦେଖି ସେମାନଙ୍କ ପିଛା ଛାଡ଼ିଦେଲା, ଲାଗିଗଲା ସଫେଇ କାମରେ। ବସ୍ତିର ଏଣେତେଣେ ପଡ଼ିଥିବା ଅପରିଷ୍କାର ଓ ଅଦରକାରୀ ଜିନିଷ, ଜରି, ଠୁଙ୍ଗା ସବୁ ଗୋଟେଇ ନେଇଆସିଲା। ଗୋଟେ ନିର୍ଜନ ନିଛାଟିଆ ଜାଗା ଦେଖି ତାକୁ ଏକତ୍ର ଠୁଳେଇ ନିଆଁ ଧରେଇଲା। ମନରେ ଆସିଲା ଆନନ୍ଦ। ବସ୍ତି ତ ସଫା ରହିଲା, ତା' ସହିତ ମନରେ କିଛି ଗୋଟେ ନୂତନ ଉପଲବ୍ଧି ହେଲା। କ୍ରମେ ତାକୁ ଅନୁସରଣ କଲେ ବସ୍ତିର ସ୍ତ୍ରୀଲୋକ ଓ ଝିଅ ପିଲାମାନେ । ଏବେ ପ୍ରତ୍ୟହ ସେମାନେ ସେମାନଙ୍କର ଦାଣ୍ଡଘାଟ ଗୃହ ପରିଷ୍କାର ରଖିଲେ। ବସ୍ତିଠାରୁ ଟିକେ ଦୂରରେ ନିଛାଟିଆ ଜାଗାରେ ମାଛ ବାଛିଲେ, ଶୁଖୁଆ ପ୍ରସ୍ତୁତ କଲେ। ଏଥିପାଇଁ ବସ୍ତିରେ ଜେନିକୁ ଏବେ ସମ୍ମାନ ମିଳିଲା ଓ ତା' କଥା ସେମାନେ ମନ ଦେଇ ଶୁଣିଲେ। ମାସେ ଦୁଇ ମାସ ଭିତରେ ସେ ସେମାନଙ୍କର ଭାଷାକୁ ଧୀରେ ଧୀରେ ଆୟତ୍ତ କରିପାରିଲା।

କ୍ରମେ ଜେନି ବସ୍ତିକୁ ଯିବା କମେଇ ଦେଲା, ଏମିତି ସପ୍ତାହରେ ଥରେ ଦୁଇଥର। ଦେଖେ ତା' କାର୍ଯ୍ୟରେ କିଛି ନା କିଛି ପ୍ରଭାବ ପକେଇଛି ସେମାନଙ୍କ ବାହାରେ ଓ ଅନ୍ତରରେ। ତଥାପି କିଛି ଅସଂଗତି ପୂରି ରହିଛି ସେଠି, ଏଇ ଯେମିତି ମଦ୍ୟପାନ କଥା। ପୂର୍ବପରି ବି ପୁରୁଷ ଲୋକେ ଦେଶୀ ମଦ ପିଉଥିଲେ। କିଛି କିଛି କିଶୋର ଓ ଯୁବକ ବି ପିଉଛନ୍ତି ପାଉଚ୍ ମଦ। ଲଣ୍ଡନରେ ସେ ନିଜେ ବି ମଦ ପିଉଥିଲା ଏମିତି ବୟସରେ। ଯାହାର ପରିଣତ ସେ ଆଜି ଭୋଗ କରୁଛି। ମଦ ପିଇଥିବା ଲୋକମାନଙ୍କୁ ଦେଖିଲେ ସେ କିପରି ଅନ୍ୟମନସ୍କ ହୋଇଯାଏ, ଦେହ ଶୀତେଇ ଉଠେ। ଅନ୍ତର ଭିତରେ ଦୟା ଓ କରୁଣାର ଉଦ୍ରେକ ହୁଏ। ମନେମନେ କହୁଥାଏ, 'ପ୍ରଭୁ ଏମାନଙ୍କୁ ମୋଭଳି ଦୁଃଖ କଷ୍ଟ ଓ ରୋଗ ଦିଅନାହିଁ। କ୍ଷମା କରିଦିଅ।'

ଏବେ ସେ ବେଶିସମୟ ଘୂରିବୁଲେ ସମୁଦ୍ରକୂଳରେ, ପୁରୀର ରାସ୍ତାଘାଟରେ ଓ ବଡ଼ଦାଣ୍ଡରେ। ହାତରେ ଥାଏ ଗୋଟେ ବଡ଼ବ୍ୟାଗ୍, ଗୋଟେ ଚିମୁଟା ଓ ଗୋଟେ ପ୍ଲାଷ୍ଟିକ୍‌ର ଅଳିଆ ଉଠା । ସାରାଦିନ ଘୂରିଘୂରି ସେ ବ୍ୟସ୍ତ ଥାଏ ଏ ଅଳିଆ ଉଠା କାର୍ଯ୍ୟରେ। ଥଳି ଭର୍ତ୍ତି ହୋଇଗଲେ ମୁନିସିପାଲିଟି ଅଳିଆ ଗଦାରେ ନେଇ ପକାଏ। ସେଣିକି ମୁନିସ୍‌ପାଲିଟିର ଗାଡ଼ି ଉଠେଇ ନିଏ ସେ ସବୁକୁ।

ଧୀରେଧୀରେ ସମଗ୍ର ପୁରୀ ସହରର ଲୋକମାନେ ଜାଣିଗଲେ ଜେନିକୁ। ପୂର୍ବରୁ ଯେଉଁମାନେ ଦେଖି ତାକୁ ପାଗିଳୀ ବୋଲି ଭାବୁଥିଲେ, ଏବେ ଜେନିର ଏ ମହତ୍ କାର୍ଯ୍ୟରେ ସଂଭ୍ରମ ପ୍ରକଟ କରନ୍ତି। ବେଳେବେଳେ ତାକୁ ନେଇ ଯୋର ଚର୍ଚ୍ଚା ବି ଧରୁଥିଲା ଚା' ଖଟିରେ। କେହି କେହି ଲୋକେ ବି ତାକୁ ପ୍ରଶଂସା କରନ୍ତି ଓ କେହି ପ୍ରଶଂସିତ ଦୃଷ୍ଟିରେ ଦେଖନ୍ତି। କିନ୍ତୁ ସେଥିପ୍ରତି ଜେନି ଆଦୌ ଆଗ୍ରହ ରଖେନାହିଁ। କାମ କରୁ କରୁ ସେ ସେହି କାମ ଭିତରେ ନିଜକୁ ହଜେଇ ଦେଇଥାଏ, କ୍ରମେ ଭୁଲି ହୋଇ ଯାଉଥାଏ ନିଜର ରୋଗ ଓ ଯନ୍ତ୍ରଣାର କଥା। ଏବେ ସେଇଟା କେଉଁ କୋଣରେ ଯାଇ ଲୁଚି ଗଲାଣି। ଆଉ ତାର ମୁହଁ ଦେଖିବାକୁ ପାଉନାହିଁ ଜେନି। ସମୟେ ସମୟେ ରହି ଏକୁଟିଆ ବେଳେ, ନିରୋଳାରେ କେଞ୍ଚି ଦେଉଛି ତାକୁ। ମନେ ପକେଇ ଦେବାକୁ ଚେଷ୍ଟା କରୁଛି।

ବେଳେବେଳେ ତା'ର ଅତୀତ ଉଭା ହୁଏ ସାମ୍ନାରେ କଳାଭୂତ ସାଜି। ଏବେ ସେ ଗୋଟେ ନୂଆ ଜୀବନ ବଞ୍ଚିଛି। ଛାଡ଼ିଦେଇ ଆସିଛି ତା'ର ସେ ପୁରୁଣା ଜୀବନକୁ ଲଣ୍ଡନ ନଗରୀରେ। ସତରେ ମଣିଷଟା କେଡ଼େ ମୂଢ଼ ଆଉ ଜ୍ଞାନଶୂନ୍ୟ ? ଜ୍ଞାନ ଉଦୟ ହେଲା ବେଳକୁ ସବୁ ସରିଯାଇଥାଏ। ତାକୁ ଆଜି ଯଥାର୍ଥ ଜ୍ଞାନ ପ୍ରଦାନ କରିଛନ୍ତି ସ୍ୱାମିଜୀ। କରୁଣା କରିଛନ୍ତି କାଳିଆ ଠାକୁର। ସ୍ୱାମିଜୀ କହନ୍ତି, "ଆତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ। ପ୍ରତି ମୁହୂର୍ତ୍ତରେ ପରମାତ୍ମା ଆତ୍ମାକୁ ଚିହ୍ନେଇ ଦିଅନ୍ତି ଭଲ-ମନ୍ଦ ଓ ପାପ-ପୁଣ୍ୟ। ହେଲେ ମୂଢ଼ ମଣିଷ ତାହା ଚେତିପାରେ ନାହିଁ। ଏହା କେବଳ ଘଟେ ତାର ଅଜ୍ଞାନତା ପାଇଁ। ଆଉ ଯେତେବେଳେ ତା'ର ଜ୍ଞାନ ଉଦୟ ହୁଏ, ସେତେବେଳେ ସେ ତା'ର ଭୁଲ୍‌ଟିକୁ ଧରିପାରେ। ହେଲେ ସମୟ ସେତେବେଳକୁ ଧୋକା ଦେଇସାରିଥାଏ। ଅସଂଭାଳ ହୋଇପଡ଼ିଥାଏ ପରିସ୍ଥିତି।"

ଏମିତି ଦିନେ ବଡ଼ଦାଣ୍ଡରେ ଜରି, କାଗଜ ଓ ପରିତ୍ୟକ୍ତ ଠୁଙ୍ଗା ସାଉଁଟୁଥିବା ଅବସ୍ଥାରେ ଜେନି ଉପରେ ନଜର ପଡ଼ିଲା ଆନନ୍ଦର। ଆଶ୍ଚର୍ଯ୍ୟ ହେଲା ଆନନ୍ଦ। ଦୁଇମାସର ଆୟୁଷକୁ ସଂବଳ କରି ସୁଦୂର ଲଣ୍ଡନରୁ ଚାଲିଆସିଥିଲା ଜେନି ଏ ଜଗନ୍ନାଥ ଧାମକୁ। ରଥ ଉପରେ ତାଙ୍କୁ ଦର୍ଶନ କରି ପ୍ରାଣ ଛାଡ଼ିବ ବୋଲି ନିବେଦନ କରିଥିଲା ପ୍ରଭୁଙ୍କୁ। କିନ୍ତୁ ଏବେ ଦୁଇମାସ ଅତିକ୍ରମ କରି ଛ' ମାସ ବିତିଗଲାଣି। ଜେନି ବଞ୍ଚିଛି, ମରିଯାଇ ନାହିଁ ବରଂ ଚେହେରାରେ ଯଥେଷ୍ଟ ଔଜଲ୍ୟ ଫୁଟିଉଠିଛି। କିଛି ଗୋଟେ ଚମତ୍କାର ହୋଇଛି ନିଶ୍ଚୟ ଜେନି ଜୀବନରେ।

ବାଇକ୍ ଘୂରେଇ ଜେନି ଆଗକୁ ଚାଲି ଆସିଲା ଆନନ୍ଦ, ଆପଣା ଭିତରେ ଜମାଟ ବାନ୍ଧିଛି ଗୋଟେ ନାହିଁ ନଥିବା ଗ୍ଲାନି। ମଠରେ ଛାଡ଼ିଆସିବା ଦିନଠାରୁ ଥରୁଟିଏ ବି ସେ ଯାଇନାହିଁ ତାକୁ ସାକ୍ଷାତ କରିବାକୁ କି ତା'ର ଭଲମନ୍ଦ ବୁଝିବାକୁ। ନ୍ୟୁନତମ କର୍ତ୍ତବ୍ୟ ଟିକକ ସେ ଭୁଲିଯାଇଛି। ଜେନି ଆଉ ସଂସାରରେ ନଥିବ, ଏମିତି ଗୋଟେ ମିଥ୍ୟା ଭାବନାରେ ରହିଯାଇଛି ସେ।

ମୁଣ୍ଡ ଉଠେଇ ଚାହିଁଲା ଜେନି। ସାମ୍ନାରେ ଆନନ୍ଦକୁ ଦେଖି ତତ୍‌କ୍ଷଣାତ୍ ଆନନ୍ଦରେ ଗଦ୍‌ଗଦ୍ ହୋଇ ପଡ଼ିଲା। ଦୀର୍ଘ ଦିନପରେ ଦେଖୁଛି ସେ ଆନନ୍ଦକୁ। କଂପିତ ହେଉଛି ଓଷ୍ଠଧାର। ଅଥଚ କିଛି ବି ବଚନ ସ୍ଫୁରୁନାହିଁ ତହିଁରୁ।

ଆବେଗରେ ନଇଁପଡ଼ିଲା ଜେନି ପାଖରେ ପଡ଼ିଥିବା ଗୋଟେ ପଲିଥିନ୍ ଜରିକୁ ଉଠେଇବାକୁ ନୁହେଁ, ଆନନ୍ଦର ପାଦସ୍ପର୍ଶ କରିବାକୁ। ବଡ଼ ଅପ୍ରସ୍ତୁତ ହୋଇ ଜେନିକୁ ସେଥିରୁ ନିବୃତ୍ତ କଲା ଆନନ୍ଦ। "ତୁମେ ଏ କ'ଣ କରୁଛ ଜେନି, ମୁଁ ପରା ତୁମର ଗାଇଡ୍ ? ତୁମକୁ ନମସ୍କାର କରିବା ମୋର କାମ।"

"ମୁଁ ଆଉ ପର୍ଯ୍ୟଟକ ନୁହେଁ, କି ତୁମେ ମୋର ଗାଇଡ୍ ନୁହଁ। ତୁମେ ତ ମୋ ପାଇଁ ଦେବତା ହୋଇଯାଇଛ। ମୁଁ ଏ ପର୍ଯ୍ୟନ୍ତ ବଞ୍ଚିଛି, କେବଳ ତୁମର ଦୟା ଓ ପ୍ରଭୁଙ୍କ କରୁଣା ପାଇଁ।"

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

'ମୋ ବୋଉ' କଥା

# ମୁଁ ତା 'ବାଦୁ'

ବାଦଲ ଭୂୟାଁ



ଆଜି ବିଶ୍ୱ ମାତୃ ଦିବସ। ଆମ ମାନଙ୍କୁ ଏ ଦୁନିଆରେ ଛାଡ଼ି ବୋଧେ ତା ଦୁନିଆକୁ ଚାଲିଯାଇଛି ମୋ ବୋଉ। ହଁ, ତା ଦେହଟା ଯାହା ନାହିଁ, କିନ୍ତୁ କହିବାକୁଗଲେ ସେ ଏବେ ବି ମୋ ଭିତରେ, ମୋ ପାଖରେ, ମୋ ଚାରିପଟେ। ବୋଉ ବିଷୟରେ ଲେଖିଲାବେଳକୁ ପିଲା ଦିନର କଥା ସବୁ ବେଶ ସ୍ୱଚ୍ଛ ଭାବେ ମନେପଡୁଛି। ବୋଉ ମୋତେ ଡାକୁଥିଲା 'ବାଦୁ'। ସେ ଡାକରେ, ସେ କଥାରେ ଥିଲା ମହୁବୋଳା ମହକ। ବୋଉ ମୋ ହଷ୍ଟେଲ 'ଜାହାନପୁର'ର ସୋମନାଥ ବିଦ୍ୟାପୀଠକୁ ଚୁଡ଼ା, ମୁଢ଼ି, ନଡ଼ିଆ, ଚିନି ଆଦି ଜଳଖିଆ ଧରି ପ୍ରତିମାସରେ ମୋ ପାଖରେ ପହଞ୍ଚୁଥିଲା। ମୋ ଭଲମନ୍ଦ ବୁଝି ପୁଣି ଆମ ଗାଁ ତୋଟାପଡ଼ାକୁ ଫେରୁଥିଲା। ଏବେ ବୋଉ ନାହିଁ। ବୋଉର ଅବର୍ତ୍ତମାନରେ ଲାଗେ 'ବୋଉ' ଏହି ତାରା ହୋଇ ଜଳୁଛି, କାକର ଟୋପା ହୋଇ ଝରି ପଡୁଛି। ପକ୍ଷୀଙ୍କ କାକଳୀ ହୋଇ ମୋ ମନକୁ ବାରମ୍ବାର ଛୁଇଁ ଯାଉଛି। ପବନର ଶିରି ଶିରି ହୋଇ ଦେହ ବଖରାକୁ ପଚାରୁଛି, ତୋ ଦେହ ଭଲ ଅଛି ତ! ଆମ ଗାଁ ମଶାଣି ପାଖ ଦେଇ ଗଲାବେଳେ ଲାଗେ ଯେମିତି ବୋଉ, ବାପା, ଦାଦାମାନେ ଟୁପଟାପ୍ ଗପସପ ହେଉଛନ୍ତି। ବୋଉକୁ ଚାହିଁ ଚାହିଁ ଦିନ ପରେ ରାତି ସରେ ଅଥଚ ବୋଉ ଆସେନା।

ମାଆ ! ଯନ୍ତ୍ରଣାର ବିଷ ପାନକରି ଯିଏ ସିଞ୍ଚି ଦିଏ ପିୟୂଷ । ପଣତକାନି ଉହାଡ଼ରେ ଭରିଦିଏ ଜୀବନର ଅମୂଲ୍ୟ ଅମୃତ । ସଂସାରର ଯାବତୀୟ ଦୁଃଖ କଷ୍ଟକୁ ମୁଣ୍ଡପାତି ସହିନେଇ ଦୃଢ଼ କରିଥାଏ ନିଜକୁ ଆଉ ଶିକ୍ଷା ଦେଇଥାଏ ନିଜ ସନ୍ତାନକୁ ସହିବାକୁ ଦୁଃଖର ପାହାଚ ଆଉ ସାହସ ଦିଏ ସାମ୍ନା କରିବାକୁ ଶତ୍ରୁର ରଣ ହୁଙ୍କାର । ମା' ହିଁ ନାରୀତ୍ୱର ପରିଚୟ ଆଉ ମା' ହିଁ ସକଳ ଧୈର୍ଯ୍ୟର ପାହାଡ଼ । ଖାସ୍ ସେଇଥିପାଇଁ ମା'କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ପାଳିତ ହୋଇଥାଏ 'ବିଶ୍ୱ ମାତୃତ୍ୱ ଦିବସ' । ଏତଦ୍‌ବ୍ୟତୀତ ଏହି ଦିବସ ପଛରେ ରହିଛି ଭିନ୍ନ ଏକ ଇତିହାସ । କଳାକାର ମା' ଆନ୍ନା ମାରାଇ ରିଭେଜ୍ ଜାରଭିସ୍‌ଙ୍କ ଇଛାକୁ ସମ୍ମାନ ଦେବାକୁ ଯାଇ ତାଙ୍କ ଝିଅ ଆନ୍ନା ଜାରଭିସ୍ ପଶ୍ଚିମ ଭର୍ଜିନିଆରେ ୧୯୦୫ରେ ମା'ଙ୍କର ମୃତ୍ୟୁ ପରେ ନିଜ ବନ୍ଧୁଙ୍କ ସହିତ ମିଶି ମାତୃ ଦିବସ ପାଳନ କରିବା ପାଇଁ ସରକାରଙ୍କୁ ଚିଠି ଲେଖିଥିଲେ । ଏହା ବ୍ୟତୀତ ସେ ନିକଟସ୍ଥ ଚର୍ଚ୍ଚକୁ ନିଜ ମା'ଙ୍କ ପସନ୍ଦିତ ଫୁଲ ପଠାଉଥିଲେ ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରୁଥିଲେ ଯେ ସେମାନେ ମଧ ନିଜ ନିଜ ମା'ଙ୍କୁ ତାଙ୍କର ପ୍ରିୟ ଜିନିଷ ଉପହାର ଦେଇ ସମ୍ମାନିତ କରନ୍ତୁ । ଏହି ଧାରା ସେଠାରେ କିଛି ବର୍ଷ ଧରି ଲୋକପ୍ରିୟ ହୋଇପାରିଲା । ୧୯୧୦ରେ ଭର୍ଜିନିଆ ଏକ ମାତ୍ର ଦେଶ ଭାବେ ମାତୃ ଦିବସକୁ ସ୍ୱୀକୃତି ଦେବାକୁ ଯାଇ ଏହି ଦିବସକୁ ଛୁଟି ଦିବସ ଭାବେ ଘୋଷଣା କରିଥିଲା । କିନ୍ତୁ ପ୍ରତିବର୍ଷ ମେ ମାସର ଦ୍ୱିତୀୟ ରବିବାର ଦିନ ମାତୃ ଦିବସ ପାଳନ କରିବାକୁ ୮ ମେ' ୧୯୧୪ରେ ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ଏକ ଯୁଗ୍ମ ପ୍ରସ୍ତାବରେ ଗୃହିତ କରିଥିଲେ । ସଂଯୋଗକୁ ଚଳିତବର୍ଷ ଅର୍ଥାତ୍ ୨୦୨୬ ମସିହା, ମାତୃ ଦିବସଟି ଦ୍ୱିତୀୟ ରବିବାର ଦିନ ପଡୁଛି।

ସ୍ରଷ୍ଟାଙ୍କ ସୃଷ୍ଟିରେ ମା', ନାରୀର ଏକ ଏଭଳି ରୂପ ଯେଉଁଥିରେ ସମ୍ପୂର୍ଣ୍ଣତା, ପବିତ୍ରତା, ତ୍ୟାଗ, ମମତା, ପ୍ରେମ ସବୁକିଛି ଅନ୍ତର୍ନିହିତ ହୋଇ ରହିଛି ବୋଧହୁଏ ଦୁନିଆରେ ଏଭଳି ଆଉ କୌଣସି ସମ୍ପର୍କ ନାହିଁ ଯେଉଁଥିରେ ଏ ସମସ୍ତ ଗୁଣ ଏକସଂଗେ ରହିଥିବ । ସେଥିପାଇଁ ତ ଈଶ୍ୱର 'ମା'ଙ୍କୁ ସୃଷ୍ଟି କରିଛନ୍ତି । ସବୁବେଳେ ସବୁ ସ୍ଥାନରେ ପ୍ରତ୍ୟକ୍ଷ ଭାବେ ଈଶ୍ୱର ଦେଖାଦେବା ସମ୍ଭବପର ହୋଇ ନଥିବାରୁ ମା'ଙ୍କୁ ନିଜର ପ୍ରତିନିଧି ଭାବେ ପଠାଇ ମା'ର ମହନୀୟତାକୁ ବୃଦ୍ଧି କରିଛନ୍ତି । ଜଣେ ମହିଳା ଭାବେ ସନ୍ତାନକୁ ଜନ୍ମଦେଇ ମା' ନିଜର କୁଳ ଅବା ବଂଶର ମର୍ଯ୍ୟାଦା ବୃଦ୍ଧି କରିଥାଏ । ସୁସଂସ୍କାର ମାଧ୍ୟମରେ ସନ୍ତାନକୁ ପାଠ ପଢ଼ାଇ ମର୍ଯ୍ୟାଦାର ଆଚାର ସଂହିତାରେ ବଞ୍ଚିବାର ପଥ ଦେଖାଇଥାଏ ମା' । ଏହି ଶବ୍ଦ ଯେତିକି ମିଠା, ସେତିକି ମିଠା ହେଉଛି ମା'ର ମମତା । ନିଜ ସନ୍ତାନ ପାଇଁ ସବୁବେଳେ ମଙ୍ଗଳ ମନାସୁଥିବା ମା' ସବୁବେଳେ ତା'ର ପିଲା କେମିତି ଓ କିପରି ଥିବା ତାହା ଭାବିଥାଏ । ମା'ର ଆଙ୍ଗୁଳି ଧରି ସ୍କୁଲ ଯିବା ଠାରୁ ଆରମ୍ଭ କରି ବିବାହ ହୋଇ ସନ୍ତାନ ଜନ୍ମ କରିବା ପରେ ମା'ର ଚିନ୍ତା ପୂର୍ବପରି ରହିଥାଏ । ଛୋଟ ବେଳେ ଯେପରି ମା' ଆମକୁ ନେଇ ଚିନ୍ତା କରୁଥିଲା, ଏବେ ବଡ଼ ହୋଇ ନିଜ ପୁଅଝିଅର ବାପାମା' ହେଲା ପରେ ମା'ର ଚିନ୍ତା ପୂର୍ବପରି ବଜାୟ ରହିଥାଏ । ନିଜର ପ୍ରତ୍ୟେକଟି ନିଃଶ୍ୱାସ ପ୍ରଶ୍ୱାସରେ ମା' ସନ୍ତାନର ମଙ୍ଗଳକାମନା ଓ ଉନ୍ନତିର ପ୍ରାର୍ଥନା କରିଥାଏ । ତା'ର ପୂଜାପାଠ, ଆରାଧନା, ବ୍ରତଉପବାସ, ଆଶୀର୍ବାଦରେ ବି ଆମର ମଙ୍ଗଳକାମନା ସାମିଲ ରହିଥାଏ । ଯଦି ଈଶ୍ୱର ଧରାପୃଷ୍ଠରେ ଜନ୍ମ ନିଅନ୍ତି, ତେବେ କେବଳ ତାଙ୍କୁ ମା' ରୂପରେ ହିଁ ଅନୁଭବ କରିହେବ। ଯଦି ଆପଣଙ୍କ ପାଖରେ ମା' ଅଛି, ତେବେ ଆପଣ ବିଶ୍ୱର ସବୁଠାରୁ ସୌଭାଗ୍ୟଶାଳୀ ବ୍ୟକ୍ତି ମଧ୍ୟରୁ ଜଣେ ବୋଲି ଭାବନ୍ତୁ । ନିଜ ପାଖରେ ମା' ରୂପୀ ଭଗବାନଙ୍କୁ ସବୁବେଳେ ସାଥିରେ ରଖନ୍ତୁ ।

♥ ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ : ୭୪୮୮୯୯୮୫୩୨

# ମାଆଙ୍କ ଅବଦାନ ଅତୁଳନୀୟ

ଅଧ୍ୟାପକ ରାଜେଶ୍ ରାୟ



ଆଜି ମାତୃ ଦିବସ । ମାଆଙ୍କ ନିଃସ୍ୱାର୍ଥପର ସ୍ନେହ , ସେବା ଓ ତ୍ୟାଗକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ମାସର ଦ୍ୱିତୀୟ ରବିବାରକୁ ଭାରତ ସମେତ ଆମେରିକା , କାନାଡ଼ା, ଅଷ୍ଟ୍ରେଲିଆ, ଜାପାନ, ବ୍ରାଜିଲ୍ ଆଦି ଦେଶରେ ଏହି ଦିବସଟି ପାଳନ କରାଯାଉଛି । ବିଂଶ ଶତାବ୍ଦୀରୁ ଆମେରିକାର ଆନ୍ନା ଜାର୍ଭିସଙ୍କ ଉଦ୍ୟମରେ ଏହିଭଳି ଦିବସର ଅୟମାରମ୍ଭ ହୋଇଛି । ପ୍ରକୃତରେ ମାଆଙ୍କ ତ୍ୟାଗ ଓ ଅବଦାନ ଅମୂଲ୍ୟ । ତାଙ୍କପାଇଁ ଗୋଟିଏ ଦିନ ନୁହେଁ ବରଂ ଜୀବନର ପ୍ରତିଟି ମୁହୂର୍ତ୍ତ ସମର୍ପିତ । ଏହି ଦୁନିଆରେ କିଏ ଯଦି ଆମକୁ ଆୟୁଷର ନଅ ମାସ ଆଗରୁ ଚିହ୍ନିଛନ୍ତି ତେବେ ସେ ହେଉଛନ୍ତି ଆମ ମାଆ । ଆପଣ ଜାଣନ୍ତି , ମାଆ ଆମକୁ ଏମିତି କିଛି ବିଶେଷ ଉପହାର ଦେଇଛନ୍ତି ଯାହା ଅନ୍ୟ କେହି ଦେଇ ପାରିବେନି । ଆମେ ମାଆଙ୍କ ଗର୍ଭରେ ଥିବା ସମୟରେ ତାଙ୍କର ପ୍ଲାସେଣ୍ଟା ନଳୀ ( ନାଭି ନଳୀ) ଦେଇ କିଛି ଷ୍ଟେମ କୋଷ ବା ମୂଳ କୋଷ ଆମ ଶରୀରକୁ ଆସିଛନ୍ତି ଯେଉଁମାନେ ଜୀବନ ଯାକ ଶରୀରରେ ରହି ଅନ୍ୟ କୋଷ ମାନଙ୍କୁ ତିଆରି କରିବା ସହ କ୍ଷତ ଭରଣ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ରକ୍ଷା କରନ୍ତି । ଅନ୍ୟ ଏକ ଉପହାର ହେଉଛି କୋଷର ଶକ୍ତିକେନ୍ଦ୍ର କୁହାଯାଉଥିବା ' ମାଇଟୋକଣ୍ଡ୍ରିଆ ' ଯାହା ମାଆଙ୍କ କୋଷରୁ ଆମ ପାଖକୁ ଆସିଛି ଏବଂ ଆମକୁ ବଞ୍ଚିବା ପାଇଁ ଶକ୍ତି ଯୋଗାଉଛି । ଇଏତ ଗଲା ବିଜ୍ଞାନ ଭିତ୍ତିକ କଥା , ବାସ୍ତବରେ ଦେଖିଲେ ମାଆଙ୍କ ସହ ସନ୍ତାନର ସମ୍ପର୍କ ଅତି ନିବିଡ଼ । ସେ ହେଉଛନ୍ତି ପ୍ରଥମ ଗୁରୁ ଯାହାଙ୍କ ସ୍ପର୍ଶରେ ଆମେ ଏହି ପୃଥିବୀ ପୃଷ୍ଠରେ ପରିଚୟ ପାଇଛୁ କିନ୍ତୁ ଦୁଃଖର କଥା ହେଉଛି ବର୍ତ୍ତମାନ ସମୟରେ ଅନେକ ସ୍ଥାନରୁ ମାଆଙ୍କ ପ୍ରତି ହେଉଥିବା ଅବହେଳାର ଚିତ୍ର ସାମ୍ନାକୁ ଆସୁଛି । ପରିଣତ ବୟସରେ ଯେତେବେଳେ ବୃଦ୍ଧାଶ୍ରମରେ ତାଙ୍କ ଜୀବନ କଟୁଛି ସେତେବେଳେ ସମସ୍ତ ତ୍ୟାଗର ପ୍ରତିଦାନ ମରିଯାଉଛି । ମୁଁ ଏମିତି ଦୃଶ୍ୟ ମଧ ଦେଖିଛି ଯେ କିଛି ଲୋକ ଘରେ ମାଆଙ୍କୁ ମାଡ଼ ମାରି ଖାଇବା ପିଇବାକୁ ନଦେଇ ବାହାରେ ଯାଇ ଦାନ ଧର୍ମ କରି ମନ୍ଦିରରେ ପୂଜା କରନ୍ତି । ଏହାର ମୂଲ୍ୟ କଣ ଆଜ୍ଞା ? ଘରେ ଥିବା ଦେବୀଙ୍କୁ ଅଣଦେଖା କରି ମନ୍ଦିରରେ ଥିବା ଦେବୀଙ୍କୁ ପୂଜାକଲେ କିଛି ପୁଣ୍ୟ ମିଳିବ ନାହିଁ ! ଆଶ୍ଚର୍ଯ୍ୟର କଥା ହେଉଛି ମାତୃ ଦିବସ ଆସିଲେ ସେହିଭଳି ଲୋକମାନେ ସାମାଜିକ ଗଣମାଧ୍ୟମରେ ଲୋକ ଦେଖାଣିଆ ପ୍ରେମ ଗୁଡ଼ିକ ଅଜାଡ଼ି ଦିଅନ୍ତି । ଆଉ କିଛି ଲୋକ ମାଆ ବଞ୍ଚିଥିବା ସମୟରେ ତାଙ୍କୁ ଅଣଦେଖା କରି , କଷ୍ଟ ନିର୍ଯାତନା ଦେଇ ଅତ୍ୟାଚାର କରନ୍ତି କିନ୍ତୁ ମାଆ ଚାଲିଗଲା ପରେ ତାଙ୍କୁ ମିଛ ଦରଦ ଦେଖାଇ ଭକ୍ତି ଗୁଡ଼ିକ ବଖାଣନ୍ତି। ଆମେ ସମସ୍ତେ ଜାଣିବା ଦରକାର ଯେ ମାଆ ଆମ ପାଖରୁ ଦିନେ ନା ଦିନେ ନିଶ୍ଚୟ ବିଦାୟ ନେବେ ତେଣୁ ବଞ୍ଚିଥିବା ଅବସ୍ଥାରେ ତାଙ୍କୁ ଜୀବନଠୁ ଅଧିକ ଭଲପାଇବା ଓ ସମ୍ମାନ ଦେବା ସହ ନତ ମସ୍ତକ ହୋଇ ସେବା କରନ୍ତୁ । ଦେଖିବେ ତାଙ୍କରି ଆଶିଷ ରହିଲେ ଆପଣଙ୍କ ଜୀବନ ସାର୍ଥକ ହୋଇଯିବ । ଆଜିଭଳି ପବିତ୍ର ଦିନରେ ସେହି ଦେବୀଙ୍କ ଚରଣରେ କୋଟି କୋଟି ନମନ ।

♥ ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର ,
କୋରାପୁଟ
ମୋ: ୬୩୭୧୫୫୫୯୪୦

# ମାଆ, ସେ ମମତାମୟୀ



ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ

ମା' ଶବ୍ଦରେ ଏକ ନୈସର୍ଗିକ ଆତ୍ମିୟତା ଭରି ରହିଛି । ମା' ଏକ ଛୋଟ ଶବ୍ଦ ମାତ୍ର । ଏଥିରେ ସାରା ସଂସାରର ପୂର୍ଣ୍ଣତା ରହିଛି । ପ୍ରତ୍ୟେକ ମନୁଷ୍ୟର ଅସ୍ତିତ୍ୱ, ପ୍ରେମ ଓ ବିଶ୍ୱାସରେ ଭରି ରହିଛି ମା' ଶବ୍ଦର ବ୍ୟାପକତା । ଏହି ମା' ଡାକ ପ୍ରତିଟି ମୁହୂର୍ତ୍ତରେ ମନକୁ ଆନ୍ଦୋଳିତ କରିଥାଏ । ଏହା ସବୁବେଳେ ହୃଦୟର ସ୍ପନ୍ଦନ ସହ ଜଡ଼ିତ ହୋଇ ରହିଛି । ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ ତାଙ୍କ କାଳଜୟୀ ପଂକ୍ତିରେ ଲେଖିଛନ୍ତି - 'ମାତୃ ସ୍ନେହ ସମ, କି ଅଛି ସଂସାରେ, ଅଟେ ତା ସରଗ ସୁଧା। ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର। ପାନେ ନ ମେଣ୍ଟଇ କ୍ଷୁଧା।' ଥରେ ଭାବନ୍ତୁ ତ, ମା' ଶବ୍ଦ କ'ଣ ସତରେ ଯାଦୁକରୀ ନୁହେଁ କି ! ସେ ସବୁ ସମୟରେ ଯାହାକୁ ଜନ୍ମ ଦେଇଛି ଓ ଅବା ଯାହାକୁ ଅନ୍ୟ କେହି ମା' ଜନ୍ମ ଦେଇଛି, ତାର ମଙ୍ଗଳ କାମନା ଓ ଉନ୍ନତରେ ସର୍ବଦା ନିମଗ୍ନ ରହିଥାଏ । ନିବିଡ଼ ସମ୍ପର୍କକୁ ଛିନ୍ନ କରିବାକୁ କ୍ଷଣିଏ ସମୟ ନେଉନଥିବା ଅବା ସମ୍ପର୍କ ନରଖିବାର ବାହାନା କରୁଥିବା ବର୍ତ୍ତମାନର କଥିତ ସମାଜରେ ମା-ପିଲାର ସମ୍ପର୍କ, ମୃତ୍ୟୁ ପର୍ଯ୍ୟନ୍ତ ସାଥୀରେ ଅତୁଟ ରହିବାର ଯାଦୁ କ'ଣ ସତରେ ଆଶ୍ଚର୍ଯ୍ୟକର ନୁହେଁ ! ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ସନ୍ତାନର ସୁଖ ପାଇଁ ନିଜକୁ ତିଳ ତିଳ କରି ଜାଳିବାରେ ବି ମା' ମନରେ ଥାଏ ଆନନ୍ଦ । ସେହି ମା' କୁ ସମ୍ମାନ ଜଣାଇ ସାରା ଦୁନିଆଁରେ କୋଟି କୋଟି ମା' ଙ୍କ ଉଦ୍ଦେଶ୍ୟରେ ଆଜିର ଦିବସକୁ ମାତୃ ଦିବସ ଭାବେ ପାଳନ କରାଯାଉଛି । ଅବଶ୍ୟ ଏହାର ପ୍ରକୃତ ଉଦ୍ଦେଶ୍ୟ ଏବେ ସାଧିତ ହୋଇପାରି ନାହିଁ । ଆମ ଓଡ଼ିଆ ଘରର ଆଧ୍ୟାତ୍ମିକ ଜୀବନ ଚେତନାର ପ୍ରାଣ ଓ ମାର୍ଗଦର୍ଶକ କୁହାଯାଉଥିବା ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ତାତ ଜନନୀ ଉପକାର, ସୁଝି ପାରିବ କେ କୁମାର ? ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣ ଦେଇ, ତାହାର ପୋଷଣେ ବଞ୍ଚଇ। ତାହାର ପ୍ରତି ଉପକାରେ, ଶତବରଷେ କେହୁ ପାରେ ?'

ଆଜି ବିଶ୍ୱ ମାତୃ ଦିବସ ଅବସରରେ ମୋ 'ବୋଉ', 'ମାମା' କଥା ଦୁଇଧାଡ଼ି ଲେଖୁଛି। ଭଗବାନ ଧବଳେଶ୍ୱରଙ୍କ ଦିବ୍ୟଲୀଳା ପାବନ ଧାମ ସନ୍ନିକଟ 'ଲିଙ୍ଗାପଦା' ହେଉଛି ମୋ ଜନ୍ମସ୍ଥାନ। ବାପା ସଶରୀରେ ଏବେ ନାହାଁନ୍ତି କିନ୍ତୁ ମୋ ବୋଉ କଥା କ'ଣ ବା ଲେଖିବି 'କଣ ଲେଖା ଦୁଇଧାଡ଼ି ଦ୍ୱାରା ତା ଋଣ ତକ ସୁଝିପାରିବି ?' ଏ ଦୁନିଆରେ ମୋ ବୋଉର ମୋ ପାଇଁ ଡାକ ନାଁ ହେଉଛି 'ଦିପୁନି'। ଝାପସା ମନେପଡୁଛି ବୋଧେ ତୃତୀୟ ଚତୁର୍ଥରେ ପଢୁଥିଲି ଗୋଡ଼ରେ ଏକଜିମା ହୋଇଥିଲା। ମୋ କଷ୍ଟ ଯନ୍ତ୍ରଣା ଦେଖି ନପାରି ସବୁବେଳେ ତ ମୋର ପଛରେ ହିଁ ପଡ଼ିଥିଲା ଆଉ ମୋ ଚିକିତ୍ସା ପାଇଁ କେତେ ପୂଜା, ଦାନ, ସଂକଳ୍ପ, ମାଜଣା, ଗୁହାରୀ ନ ଜଣାଇଛି ସମସ୍ତ ଦେବାଦେବୀଙ୍କୁ କଟକରୁ ଢ଼େଙ୍କାନାଳ, ଖୋର୍ଦ୍ଧାରୁ ପାଖାପାଖି ଅଧା ଓଡ଼ିଶା ସେ ବୁଲିଯାଇଛି ମୋ ଚିକିତ୍ସା କରାଇବା ପାଇଁ। କେତେ ବେଳେ ବି ଟିକେ ଥକି ପଡ଼ିବାର, କଷ୍ଟ ପାଇବାର ମୁଁ ଦେଖିନାହିଁ। ହଷ୍ଟେଲରେ ପଢୁଥିବାବେଳେ ଘରୁ ହାତ ତିଆରି ମୋ ପସନ୍ଦର ମସଲାଜାତୀୟ ହାତ ତିଆରି ଖାଇବା ଜିନିଷ ସବୁ ନେଇ ପହଞ୍ଚି ଯିବ। ମୁଁ ଏ ଦୁନିଆରେ ଜଣେ ଏପରି ଭାଗ୍ୟବାନ ଯେ କି ମୋ ପାଖରେ, 'ବୋଉ'ର ଆଶୀର୍ବାଦ ଓ ନିତିଦିନିଆ ସାନ୍ନିଧ୍ୟ ପାଉଛି। ଭଗବାନ ସମ୍ଭବତଃ ମୋ ବୋଉର କୃପା ଓ ଶ୍ରଦ୍ଧା ସ୍ୱରୂପ ଦୁଇ କନ୍ୟାରତ୍ନ ପାଇଛି।

ମା' ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ନିମନ୍ତେ ଗୋଟିଏ ଦିନ ନୁହେଁ, ବରଂ ଗୋଟିଏ ଶତାବ୍ଦୀ ବି କମ୍ ପଡ଼ିବ । କେହି ଜଣେ କହିଛନ୍ତି ଯେ ଯଦି ବିଶାଳ ସମୁଦ୍ରକୁ କାଳି ଭାବେ ବ୍ୟବହାର କରାଯାଏ ଓ ସାରା ପୃଥିବୀ ପୃଷ୍ଠକୁ କାଗଜ ବୋଲି ଗ୍ରହଣ କରି ମା'ର ମହିମା ଲେଖିଯାଏ, ତେବେ ତାହା ବି କମ୍ ପଡ଼ିବ । ଆମର ସମାଜରେ ପ୍ରତ୍ୟେକ କଥାକୁ ଗୁରୁତ୍ୱ ଦେବା ନିମନ୍ତେ ୩୬୫ ଦିନରେ କେବଳ ଗୋଟିଏ ଦିନ ହିଁ ମାତୃ ଦିବସ ଭାବେ ସ୍ଥିର କରାଯାଇଛି; କିନ୍ତୁ ମା'ର ସମ୍ମାନରେ ଗୋଟିଏ ଦିନ ଯଥେଷ୍ଟ ନୁହେଁ । ଯେଉଁଭଳି ଭାବେ ମା'ର ମମତା ଓ ପ୍ରେମ ଅସୀମିତ ଓ ନିଃସ୍ୱାର୍ଥ, ଠିକ୍ ସେହିପରି ମା' ପାଇଁ ପ୍ରତ୍ୟେକ ଦିନ ପାଇଁ ଉତ୍ସର୍ଗ କରାଯାଏ ତେବେ ତାହା ବି କମ୍ ପଡ଼ିବ । ଯଦି ଆମେ ବି ବିନା ସ୍ୱାର୍ଥରେ ମା'କୁ ଆଦର ଯତ୍ନ କରି ତା'ର ମମତାକୁ ନ ଭୁଲି ପ୍ରତିଟି ସୁଖଦୁଃଖରେ ସହଯୋଗ କରିବା ତେବେ ନିଶ୍ଚିତ ଭାବେ ନିଜ ଜୀବନ ସାର୍ଥକ ହୋଇପାରିବ। କାନ୍ତ କବି ଲକ୍ଷ୍ମୀକାନ୍ତ ତାଙ୍କ ଅନନ୍ୟ ରଚନାରେ ଜନନୀ ଓ ଜନ୍ମଭୂମିକୁ ଉଚ୍ଚତର ସ୍ଥାନ ଦେଇ ଉଲ୍ଲେଖ କରିଛନ୍ତି - 'ସ୍ୱର୍ଗଠାରୁ ବଡ଼ ଜନ୍ମଭୂମି ଓ ଜନନୀ, ପୂଜିବି ତାହାଙ୍କୁ ନିତି ଠାକୁରାଣୀ ମଣି। ମାତାଙ୍କ କଲ୍ୟାଣେ ସବୁ ହୁଅଇ ମଙ୍ଗଳ, କୋଟି ଜୁହାର ମୋର ତାଙ୍କ ପାଦ ତଳ।'

♥ ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ,
ମୋ : ୯୭୭୮୪୪୯୧୧୯

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ମଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ସ୍ମରଣୀୟେଷୁ...

## ମଧୁରୋକ୍ତି...(୩୦)



### ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଠିକ୍ ସେହିପରି ଯେତେବେଳେ ବୀର ଅର୍ଜୁନ ମହାଭାରତ ଯୁଦ୍ଧ ସମୟରେ ବିଜୟ ପଥରେ ଆଗେଇବାକୁ ବାହାରିଥିଲେ ସେତେବେଳେ ତୁମେ ସ୍ୱୟଂ କୃଷ୍ଣ ସ୍ୱରୁପରେ ତାଙ୍କ ରଥର ସାରଥି ସାଜିଥିଲ ଏବଂ ହନୁମାନଙ୍କୁ ଧ୍ୱଜା ଉପରେ ବିରାଜମାନ ହୋଇ ସୁରକ୍ଷା ପ୍ରଦାନ କରିବାକୁ ଆଗ୍ରହ କରିଥିଲ। କୁହାଯାଏ ଯେତେବେଳେ ହନୁମାନ ରଥ ଉପରୁ ହଟି ଯାଇଥିଲେ ସେତେବେଳେ ସଙ୍ଗେ ସଙ୍ଗେ ଅର୍ଜୁନ ରଥରୁ ଖସି ପଡ଼ିଥିଲେ ଏବଂ ସେହି ରଥ ଜଳି ଯାଇଥିଲା।

ରାମନାମର ମାହାତ୍ମ୍ୟ ସମ୍ପର୍କରେ ଅନ୍ୟ ଏକ ଉପାଖ୍ୟାନ ମଧ ଶୁଣିବାକୁ ମିଳେ। ଯେତେବେଳେ ଅର୍ଜୁନ ସେତୁବନ୍ଧ ଦେଖି କହିଥିଲେ ଯେ ବାନରମାନେ ବୃଥା ପରିଶ୍ରମ କରି ଏତେ କଷ୍ଟ କଲେ କିନ୍ତୁ ସେ କେବଳ ଏକ ତୀର ବନ୍ଧ ବାନ୍ଧି ଲଙ୍କାକୁ ସେହିପରି ରାସ୍ତା ତିଆରି କରି ଦେଇଥାନ୍ତେ ସେତେବେଳେ ହନୁମାନ ଅଳ୍ପ ହସି ତାଙ୍କୁ ସ୍ୱାଗତ କରି ସେହିପରି ଏକ ବନ୍ଧ ନିର୍ମାଣ କରିବାକୁ କହିଥିଲେ। ଅର୍ଜୁନ ତୀରରେ ବନ୍ଧ ତିଆରି କରିଦେଲେ ହେଲେ ହନୁମାନ ରାମନାମ ନେଇ ତା ଉପରେ ପାଦ ରଖିବା କ୍ଷଣି ସେହି ବନ୍ଧ ଭାଙ୍ଗିବାକୁ ଆରମ୍ଭ କଲା। ଅର୍ଜୁନ ନିଜ ଭୁଲ ବୁଝିପାରି ସଖା ଶ୍ରୀକୃଷ୍ଣ ରକ୍ଷା କର କହି ପ୍ରାର୍ଥନା କଲେ। ହନୁମାନ ରାମନାମ ନେଇ ଡେଇଁ ଡେଇଁ ଆଗେଇ ଗଲା ବେଳେ ଭାଙ୍ଗି ପଡୁଥିବା ତୀର ତଳ ଦେଇ ଦେଖିଲେ ହଠାତ୍ ଜଳର ରଙ୍ଗ ରକ୍ତରେ ଲାଲ ହୋଇ ଯାଉଛି। ସେ ସଙ୍ଗେ ସଙ୍ଗେ ଅଥଳ ଜଳ ତଳକୁ ଦେଖି କୃଷ୍ଣ ସ୍ୱରୂପରେ ତୁମ ପ୍ରତିବିମ୍ବ ଦେଖିବାକୁ ପାଇଲେ । ନିଜେ ଶ୍ରୀକୃଷ୍ଣ ତାଙ୍କ ପିଠି ଉପରେ ସେହି ତୀର ବନ୍ଧ ଧରି ରଖିଥିବା ଦେଖି ସେ ପଛକୁ ଫେରି ଆସି ତୁମ ଶ୍ରୀରାମ ରୂପ ଦର୍ଶନର ଅଭିଳାଷ ବ୍ୟକ୍ତ କରିଥିଲେ। ଦୁଇ ଭକ୍ତ ଦୁଇ ଭିନ୍ନ ଭକ୍ତିର ସେଦିନ ଉଦାହରଣ ଦେଇଥିଲେ। ତୁମେ ହିଁ ସେଇ ରାମ...ତୁମେ ହିଁ ସେଇ କୃଷ୍ଣ ...ସଖା ଭାବ ଓ ଭକ୍ତି ଭାବର ରକ୍ଷା କରି ଦୁହିଁଙ୍କୁ କୃତାର୍ଥ କରିଥିଲ ପ୍ରଭୁ।

ଖାଲି ସେତିକି ନୁହେଁ ଦ୍ୱାପର ଯୁଗର ଅନ୍ତ ପରେ ବର୍ତ୍ତମାନ କଳି ଯୁଗରେ ଯେତେବେଳେ ତୁମେ ଦାରୁବ୍ରହ୍ମ ସ୍ୱରୁପରେ ପୂଜା ପାଉଛ ସେତେବେଳେ ମଧ ହନୁମାନଙ୍କୁ ରଥଯାତ୍ରା ସମୟରେ ଧ୍ୱଜା ଉପରେ ବିରାଜମାନ ହେବାର ପରମ ସୌଭାଗ୍ୟ ପ୍ରଦାନ କରିଛ ପ୍ରଭୁ।

ତୁମରି ନାମ ହିଁ କେବଳ ଏକମାତ୍ର ସହାୟ...ଏକମାତ୍ର ସତ୍ୟ...!!

ସେ ତ୍ରେତ୍ରାର ଶବରୀ ହେଉ କି ଦ୍ୱାପରର କୁବଜା କି କଳିଯୁଗର ମାଣିକ ଗୌଡୁଣି ... ତୁମେ ଜାତି ଧର୍ମ ବର୍ଣ୍ଣ କେବେ ଦେଖିନ। ଦେଖିଛ କେବଳ ହୃଦୟର ଭକ୍ତି ଟିକକ। ନାରଦଙ୍କ ପରି ଦିନରାତି ତୁମ ନାମ ନେବା ଭକ୍ତ ପ୍ରତି ତୁମେ ଯେଭଳି ସଦୟ ହୋଇଛ...ଜୀବନରେ ଅନେକ ପାପ କାର୍ଯ୍ୟ କରି ମଧ ଅନ୍ତ ସମୟରେ ଥରୁଟିଏ ତୁମ ନାମ ନେଇଥିବା ବୃଦ୍ଧ ଅଜାମିଳ ହେଉ... ତୁମ କୃପାବାରିରୁ କାହାରିକୁ ବଞ୍ଚିତ କରିନ ପ୍ରଭୁ। ଗରୁଡ଼ଙ୍କ ପରି ପକ୍ଷୀରାଜ ହୁଅନ୍ତୁ କି ଛୋଟିଆ ଗୁଣ୍ଡୁଚି ମୂଷା... ସମସ୍ତେ ତୁମ କରୁଣାର ପାତ୍ର ହୁଅନ୍ତି।

ଜୀବନର ପ୍ରକୃତ ମୂଲ୍ୟ ତୁମରି ଅବତାର ବତେଇ ଦିଏ ପ୍ରଭୁ। ସହାସ୍ୟ ବଦନରେ କର୍ତ୍ତବ୍ୟ ପାଳନ କରିବା ଏବଂ ସର୍ବଦା ସତ୍ୟ ପଥରେ ଅଗ୍ରସର ହେବା ଶିଖେଇଛ ତୁମେ। କଣ୍ଟକିତ ପଥ ହେଉ କି କୁସୁମିତ ମୋଡ଼... ସବୁକିଛି ହସି ହସି ଗ୍ରହଣ କରିବାକୁ ଶିଖେଇଛ। ଅମୂଲ୍ୟ ମାନବ ଜୀବନ ସଦା ସର୍ବଦା ପରୋପକାର, ସଦାଚାର ପରି ଦୁର୍ମୂଲ୍ୟ ଗୁଣରେ ପରିପୂର୍ଣ୍ଣ ରହିବା ଉଚିତ୍ ବୋଲି ଶିକ୍ଷା ଦେଇଛ।କୋଟିଏ ସଦଗୁଣର ଅଧିକାରୀ ହୋଇ ମଧ ଗୋଟିଏ ଥର ଗର୍ବ କରିବା ବର୍ଜନୀୟ ବୋଲି ବାରମ୍ବାର ଜଣେଇ ଦେଇଛ। ଥରୁଟିଏ ମଧ ନିଜ ଦୈବୀ ଗୁଣର ଯାଦୁ ନ ଦେଖେଇ ସତରେ ଏକ ସାଧାରଣ ମଣିଷ ପରି ଦୁଃଖ, ସୁଖ, ହସ, କାନ୍ଦ ଅନୁଭବ ସହିତରେ ଜୀବନ ମୃତ୍ୟୁର ଅଧୀନ ହୋଇଥିବା ଅମ୍ଳାନ ଶିକ୍ଷା ତୁମର ଏହି ଶ୍ରୀରାମ ଅବତାର ସରଳ ଭାଷାରେ ବୁଝେଇ ଦିଏ। ଶକ୍ତି, ସାମର୍ଥ୍ୟ, ରୂପ, ଗୁଣ, ବିଦ୍ୟା, ବୁଦ୍ଧି ଏହିପରି ଷୋଳକଳାର ସ୍ୱାମୀ ହୋଇ ମଧ ତୁମେ ଏକ ସାମାନ୍ୟ ମଣିଷ ପରି ଛନ୍ଦ, କପଟ, କଳହ, ରାଜନୀତିର ଶିକାର ହୋଇ କଷ୍ଟ ପାଇଛ। ଆଉ ଏହି ଶିକ୍ଷା ଦେଇଛ ଯେ ଜୀବନରେ ଏମିତି ଅନେକ ସଂଘର୍ଷ ଆସିବ। ସେଥିରେ ଭାଙ୍ଗି ନପଡ଼ି ସବୁବେଳେ ଚେଷ୍ଟା କରିବା ଉଚିତ୍...ଆଉ ସେହି ଉପାୟ ଭାବିବା ଆବଶ୍ୟକ ଯାହା କଲେ ସମସ୍ୟାର ସମାଧାନ ହୋଇ ପାରିବ।

ତୁମରି ନାମାମୃତ ପାନ କରିବା ସୌଭାଗ୍ୟ ପାଇବା ପାଇଁ ଦେବତା ମଧ ଲାଳାୟିତ ହୁଅନ୍ତି ରାମ ନାମରେ ଯେଉଁ ରସ ଅଛି କୁହାଯାଏ ଯିଏ ପାନ କରିଛି ସେ ହିଁ ଜାଣିଛି। ଜୀବନର ପ୍ରତ୍ୟେକ ସମୟରେ ତୁମ ନାମ ନେଇ ନିଃଶ୍ୱାସ ଯାଉ କି ନଯାଉ କିନ୍ତୁ ମୃତ୍ୟୁ ସମୟରେ 'ରାମ ନାମ ସତ୍ୟ ହୈ' ଧ୍ୱନିର ତାଳେ ତାଳେ ହିଁ ଜୀବ ଶରୀର ତ୍ୟାଗ କରିବା ପରେ ପରମଧାମକୁ ଯାତ୍ରା କରିଥାଏ। କେବଳ ତୁମ ନାମରେ ଯେଉଁ ମଧୁରତା ଅଛି ତାହା ମନ ପ୍ରାଣକୁ ସର୍ବଦା ସତ୍ ଚିତ ଆନନ୍ଦର ସ୍ପର୍ଶ ଦେଇଥାଏ। ତୁମ ନାମର ମହିମା ଗାନ କରିବା କାହା ପକ୍ଷରେ ସମ୍ଭବ ନୁହେଁ। ଆଉ ଏ ଅକିଞ୍ଚନ କିପରି ସେହି ଧୃଷ୍ଟତା କରି ପାରିବ ପ୍ରଭୁ...!! କିନ୍ତୁ ହଁ...ଏତିକି କହି ପାରିବି ଯେ ଯେତେଦିନ ଏ ଶରୀରରେ ପ୍ରାଣବାୟୁ ଆତଯାତ ହେଉଛି...ସେତେଦିନ ପ୍ରଭୁ ତୁମ ନାମ ଶୟନେ ସ୍ୱପ୍ନେ ଜାଗରଣେ ଏ ମନ ଜପ କରୁଥାଉ। ତୁମ ମହାନ୍ ଜୀବନୀର ମଧୁରୋକ୍ତି ପ୍ରକାଶ କରିବାରେ ଏ ଅଧମର ବୁଦ୍ଧି କଦାପି ସକ୍ଷମ ନହେଲେ ମଧ ସେଥିପାଇଁ କ୍ଷୁଦ୍ର ଚେଷ୍ଟାଟିଏ ନିଶ୍ଚୟ କରୁଥାଉ। ଥରେ ରାମନାମ ଉଚ୍ଚାରଣ କଲେ କୋଟି ପାପ ଦହନ ହୋଇଯାଏ। ସେହି ରାମନାମ ଜୀବନର ଆଧାର ହେଉ... ଏତିକି ପ୍ରାର୍ଥନା ପ୍ରଭୁ... ହେ କରୁଣାମୟ...ଭାଷା ଅସମର୍ଥ... ଭାବ ଅବ୍ୟକ୍ତ... ଭାବନା ଅସମାପ୍ତ...!!

ତବକୃପା କେବଳମ୍ ଇଚ୍ଛାମି...!! ହେ ଶରଣରକ୍ଷକ... କଳିଯୁଗର ଏକମାତ୍ର ମହାମନ୍ତ୍ର କହି ପ୍ରଣାମ କରୁଛି...ଦୟା କର... କ୍ଷମା କର..ରକ୍ଷା କର...!!

'ହରେ ରାମ ହରେ ରାମ ରାମ ରାମ ହରେ ହରେ...
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ...'
ଜୟ ଶ୍ରୀରାମ...!!(ସମାପ୍ତ)

♥ ଭୁବନେଶ୍ୱର,
(ମୋ) ୯୪୩୮୪୭୦୮୦୭

## ପରିବେଶ ଓ ଅନୁକୂଳ ଉପଯୋଗୀ ଉଦଜାନ ଇନ୍ଧନ ?

### ଅଲେଖ ଚନ୍ଦ୍ର ସାମଲ



ଦିନକୁ ଦିନ ତୈଳ ସଙ୍କଟ ଏବଂ ଏହା ସହିତ ଗ୍ୟାସ ସଙ୍କଟ ମଧ ଉଦବେଗଜନକ ହେଉଛି। ଏହିପରି ସମୟରେ ଉଦଜାନ ଇନ୍ଧନ ଉପରେ ଅନେକ ଆଲୋଚନା ଆରମ୍ଭ ହୋଇଗଲାଣି। ପରିବେଶ ଅନୁକୂଳ ଇନ୍ଧନ ବୋଲି କୁହାଯାଉଥିବା ଉଦଜାନ ହିଁ ଜଗତକୁ ଜୀବାଶ୍ମ ଇନ୍ଧନଠାରୁ ଦୂରେଇ ନେବାରେ ସହାୟକ ହେବ। ସେଥିଲାଗି ଭାରତ ସମେତ ବିଶ୍ୱର ଅନେକ ଦେଶ ନିକଟ ଭବିଷ୍ୟତ ରେ ଅଟୋମୋବାଇଲ କ୍ଷେତ୍ରରେ ଉଦଜାନ ଇନ୍ଧନ ପ୍ରୟୋଗ କରିବା ଲାଗି ବ୍ୟବସ୍ଥା କରୁଛନ୍ତି। କିନ୍ତୁ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ପରିବେଶ ଅନୁକୂଳ ଭଳି ପ୍ରତୀୟମାନ ହେଲେ ବି ବାସ୍ତବରେ ଉଦଜାନ ବାଷ୍ପ ସେଭଳି ହୋଇ ନପାରେ।

'ନେଚର' ଜର୍ଣ୍ଣାଲରେ ପ୍ରକାଶିତ ଏହି ଆଲେଖ୍ୟରେ ଉଲ୍ଲେଖ ଅଛି ଯେ ୧୯୯୦ ରୁ ୨୦୨୦ ମଧ୍ୟରେ ବୈଶ୍ୱିକ ଜଳବାୟୁକୁ ଉତ୍ତପ୍ତ କରାଇବାରେ ବର୍ଦ୍ଧିଷ୍ଣୁ ଉଦଜାନ ନିଃସରଣର ଅବଦାନ ପ୍ରାୟ ୦.୦୨ଡିଗ୍ରୀ ସେଣ୍ଟିଗ୍ରେଡ଼। ପ୍ରାକ ଶିଳ୍ପାୟନ ଅମଳରୁ ବୃଦ୍ଧି ପାଇଥିବା ୧.୫ ସେଣ୍ଟିଗ୍ରେଡ଼ ହାରାହାରି ବୈଶ୍ୱିକ ତାପମାତ୍ରାରେ ଉଦଜାନ ବାଷ୍ପର ଅବଦାନ ସାମାନ୍ୟ ଅଂଶ ମାତ୍ର। କିନ୍ତୁ ବୈଜ୍ଞାନିକମାନେ କହୁଛନ୍ତି ଯେ ଜଳବାୟୁ ଉପରେ ଉଦଜାନର ବ୍ୟାପକ ପ୍ରଭାବ ସଂକ୍ରାନ୍ତରେ ଅଧିକ ସତର୍କତାର ସହ ନିରୀକ୍ଷଣ କରିବା ଆବଶ୍ୟକ।

ଅଙ୍ଗାରକାମ୍ଳ ଅଥବା ମିଥେନ ବାଷ୍ପ ଭଳି ଉଦଜାନ ବାଷ୍ପ ପ୍ରତ୍ୟକ୍ଷ ଭାବେ ଉତ୍ତାପ ଧରି ରଖେ ନାହିଁ। କିନ୍ତୁ ଗବେଷଣା ଦର୍ଶାଉଛି ଯେ ତାପନ କ୍ଷେତ୍ରରେ ଏହାର ପରୋକ୍ଷ ଭୂମିକା ରହିଛି। ମିଥେନ ଭଳି ସବୁଜଗୃହ ବାଷ୍ପକୁ ବିଘଟିତ କରିବାର ବାୟୁ ମଣ୍ଡଳ ପ୍ରାକୃତିକ ସାମର୍ଥ୍ୟରେ ଉତ୍ପନ୍ନ ଉଦଜାନ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ଗବେଷଣାର ମୁଖ୍ୟ ଜୁଡାଓ ଓୟୁୟାଙ୍ଗ କହିଛନ୍ତି, 'ଉଦଜାନ ଅଧିକ ହେବା ଅର୍ଥ ବାୟୁମଣ୍ଡଳରେ 'ଡିଟରଜେଣ୍ଟ' ପରିମାଣ କମିଯିବା। ଫଳରେ ବାୟୁମଣ୍ଡଳରେ ମିଥେନ ବାଷ୍ପ ଦୀର୍ଘକାଳ ରହିବ।' ତେଣୁ ଉଷ୍ମ ଜଳବାୟୁ ବେଶୀ ଦିନ ତିଷ୍ଠିବ। ଡିଟରଜେଣ୍ଟ ହେଉଛି ବାୟୁମଣ୍ଡଳ ପରିଷ୍କାର କରିବାର ସହାୟକ ହେଉଥିବା ବିଭିନ୍ନ ରାସାୟନିକ ପଦାର୍ଥ ମଧ୍ୟରୁ ଗୋଟିଏ। ଉଦଜାନ ସେଗୁଡ଼ିକୁ ଶୋଷିନେଲେ ବାୟୁରେ ମିଥେନ ବାଷ୍ପ ଦୀର୍ଘ ସମୟ ରହେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)



କବୀ ପ୍ରଭାତ ନଳିନୀ ମହାପାତ୍ର
ଆବିର୍ଭାବ : ୧୫ ଜୁନ୍ ୧୯୫୯
ତିରୋଧାନ : ୧ ମଇ, ୨୦୨୬

### କବି ପ୍ରଭାତ ନଳିନୀ ମହାପାତ୍ରଙ୍କ ଦଶାହ ଅବସରରେ ...













**ପ୍ରଭାତ ନଳିନୀଙ୍କ ପ୍ରକାଶିତ ସାହିତ୍ୟ କୃତି**

୧. ଏ ସମାଜକୁ ଘୁଣ ଖାଇବାରୁ ରକ୍ଷା କର
୨. କିଛି କିଛି ମନକଥା (କବିତା ସଂକଳନ)
୩. ଚୈତ୍ରର ଚୋରାବାଲି (କବିତା ସଂକଳନ)
୪. ନିଃସର୍ତ୍ତ ସମୟ (କବିତା ସଂକଳନ)
୫. ସନ୍ତ୍ରାସବାଦ ଔର ଅନ୍ୟ କବିତାଏଁ
୬. ଆମ ଗାଁ: ନୂଆ ଚିତ୍ର (କବିତା ସଂକଳନ)
୭. ଜହ୍ନରାତିର ଝିଅ (ଗଳ୍ପ ସଂକଳନ)
୮. ଶବ୍ଦ ପ୍ରତିମା (କବିତା ସଂକଳନ)
୯. ସ୍ୱପ୍ନରେ ଚିରକାଳ (କବିତା ସଂକଳନ)
୧୦. ଖସିପଡୁଥିବା ତାରା (ଉପନ୍ୟାସ)
୧୧. ପ୍ରବନ୍ଧ ବର୍ଣ୍ଣାଳୀ (ପ୍ରବନ୍ଧ ସଂକଳନ)
୧୨. ମହମହ ମୁହୂର୍ତ୍ତ (କବିତା ସଂକଳନ)
୧୩. ଭୋର୍ ଆକାଶ (ଗଳ୍ପ ସଂକଳନ)
୧୪. ନିଜପରି କେହିଜଣେ (କବିତା ସଂକଳନ)
୧୫. ଜୀବନର ଯେତେ ରଙ୍ଗ (କବିତା ସଂକଳନ)
୧୬. ବିଭୋର ବେଳା ଓ ଅନ୍ୟାନ୍ୟ କବିତା (କବିତା ସଂକଳନ)
୧୭. ସେଇ ସ୍ମୃତି ଜହ୍ନରାତି (ଗୀତିକବିତା ସଂକଳନ)
୧୮. ଚିତ୍ରଲିପି
୧୯. ସବୁକିଛି ଆପଣାର (କବିତା ସଂକଳନ)
୨୦. ସମୁଦ୍ର କୂଳିଆ ଝିଅ (ଗଳ୍ପ ସଂକଳନ)
୨୧. ମାଟିରୁ ଆକାଶ (କବିତା ସଂକଳନ)
୨୨. ସପନେ଼ାଂ ମେ ଚିରକାଲ
୨୩. ଗୀତ ଶୁଣିବ ଆସ (ଶିଶୁ କିଶୋର କବିତା ସଂକଳନ)
୨୪. ଆଲେଖ୍ୟ ଓ ଆଲୋଚନା (ପ୍ରବନ୍ଧ ସଂକଳନ)
୨୫. ଦକ୍ଷିଣା ପବନ (କବିତା ସଂକଳନ)

ଅନୁବାଦ
୧. ରଥଚକ୍ର
(ହିନ୍ଦୀ ଉପନ୍ୟାସର ଓଡ଼ିଆ ଅନୁବାଦ)



ନାଁ ଡ. ପ୍ରଭାତ ନଳିନୀ ମହାପାତ୍ର । ଜନ୍ମସ୍ଥାନ ପୁରୀରେ ହେଲେ ବି ଠିକଣା ଭଦ୍ରକର ସମରାଇପୁର । ଅନେକଙ୍କର ପ୍ରିୟ ମଣିଷ ଜଣେ । ଅଧ୍ୟାପନା ତାଙ୍କ ଜୀବନର ବୃତ୍ତି ହେଲେ ବି ଓ ସେ ଗପ ଲେଖୁଥିଲେ ବି ମୁଖ୍ୟତଃ ଜଣେ ସଫଳ କବୀ ଭାବେ ତାଙ୍କର ଥିଲା ପାଠକୀୟ ଆଦୃତି। ତାଙ୍କ କବିତାରେ ମାନବିକ ମୂଲ୍ୟବୋଧ, ଜୀବନର ସଂଘାତ, ବୌଦ୍ଧିକ ଦର୍ଶନ, ସାମାଜିକ ସଂକଟ ସହ ପ୍ରେମ, ପ୍ରୀତି ଓ ଭଲ ପାଇବା ଦୃଶ୍ୟମାନ ହୁଏ ଯାହା ତାଙ୍କୁ ତାଙ୍କ ପ୍ରିୟ ପାଠକଙ୍କ ହୃଦୟରେ ନିଶ୍ଚୟ ବଂଚେଇ ରଖିବ । ତାଙ୍କ ଆକସ୍ମିକ ଅବର୍ତ୍ତମାନ କେବଳ ତାଙ୍କ ପରିବାରକୁ ନୁହେଁ, ତାଙ୍କୁ ଶ୍ରଦ୍ଧା ସମ୍ମାନ କରୁଥିବା ମଣିଷମାନଙ୍କୁ ଦେଇଛି ଅପରିମିତ ଦୁଃଖ । ଏତେ ଶୀଘ୍ର, ଏମିତି ଆକସ୍ମିକ ଭାବରେ ତାଙ୍କର ବାହୁଡ଼ି ଯିବାର ନଥିଲା । ତାଙ୍କଠାରୁ ଯିଏ ବି ତାଙ୍କର ସହଚାର୍ଯ୍ୟ ପାଇଥିବ ସେଇ ହିଁ କହିପାରିବ ସିଏ ଥିଲେ କେମିତିକା ସ୍ନେହବତ୍ସଳା ଆଉ ଦରଦୀ ମଣିଷ । ୨୦୧୨ ମସିହାରେ ସିଏ ପାଇଥିଲେ 'ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ' । ଅନେକ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସାରସ୍ୱତ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ ୨୦୨୩ରେ । ଜଣେ ସାରସ୍ୱତ ସଙ୍ଗଠିକା ଭାବେ ତାଙ୍କର ଖ୍ୟାତି ଥିଲା ସର୍ବତ୍ର। ଆଜି ଆମଗହଣରେ ସଶରୀରେ ସିନା ନାହାନ୍ତି କିନ୍ତୁ ଭଲପାଉଥିବା ମଣିଷମାନଙ୍କ ହୃଦୟରେ ସେ ନିଶ୍ଚୟ ଅଛନ୍ତି ଓ ରହିବେ । ଆଜି ତାଙ୍କର ଦଶାହ ଉପଲକ୍ଷେ ଆମର ଏହି ସ୍ୱତନ୍ତ୍ର ଫର୍ଦ୍ଦ ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ, ଆମର ଏତିକି କାମନା ।

- 'ଧ୍ୱନି ପ୍ରତିଧ୍ୱନି' ପରିବାର

ବଡ଼ ଭଉଣୀ
କବୀ ପ୍ରଭାତ ନଳିନୀ ମହାପାତ୍ରର
ଆକସ୍ମିକ ତିରୋଧାନରେ...

### ॥ ଢେଉ ॥

### ମାନସ ରଂଜନ ମହାପାତ୍ର



ସ୍ମୃତି ତା'ର ଆନମନା କରେ ମତେ
ଏବେ ତ ଅନେକ ହେଲାଣି ରାତି
କାଲି ଖବର ଦେଇଦେବ
ପ୍ରତିହାରୀ, ମହାପ୍ରଭୁଙ୍କୁ
ଯେ କେହି ଜଣେ ସମୁଦ୍ର କୂଳିଆ ଝିଅ
ଆଜି ସକାଳେ ଖୋଜୁଥିଲା ବିକଳରେ
ସ୍ୱର୍ଗଦ୍ୱାରରେ
କହୁଥିଲା ଯେ ତୁମ ମନ୍ଦିର ଭିତରେ
ତା'ର ବି ଅଛି ଗୋଟେ ଘର
ଇଚ୍ଛାଥିଲା ତା'ର
ପତାକାଟିଏ ବାନ୍ଧିବ ପୁଣିଥରେ
ତୁମ ମନ୍ଦିର ଚୂଡ଼ାରେ
ଅଭିମାନରେ, କ୍ଷୋଭରେ
ଫେରିଗଲା ତା ଚିତାଭସ୍ମ
ତା ଏବର ଠିକଣାକୁ
ଶାଳନ୍ଦୀ କୂଳକୁ ।

କେତେ ବିଚିତ୍ର ହରାଇବାର ଖେଳ !
ଶୈଶବର ସ୍ମୃତି କରେ ବିଚଳିତ
ଛୋଟ ଛୋଟ ଦୁଇ ଭାଇ ଭଉଣୀ
କଳି ତକରାଳ
କଟି - ମିଟି, ଜୀବନରେ ଚିରକାଳ
ଏବେ ସବୁ ହିସାବ ଅପହୃତ
ମହାକାଳର ଝଡ଼ରେ
ଏବେ ମୋର କିଛି ମନେ ନାହିଁ
ମୁଁ ସ୍ମୃତିର ଝଡ଼ରେ ଭୂଲୁଣ୍ଠିତ

ମୁଁ ବି ଥିଲି ସେଇଠି, ପ୍ରତିହାରୀ !
କହିବ ସେ ଚିତ୍ରକରକୁ, କେବେ ସିଏ
ଦେଖାଇବେ ଓ କହିବ
ସକଳ ଜନ୍ମ ମୃତ୍ୟୁର ରହସ୍ୟ
ମୁଁ ଏବେ ନିରବରେ ଖୋଜିହୁଏ
ଆମ ପିଲାଦିନ !!

♥ ପୁରୀ,
(ମୋ) ୯୮୯୧୯୪୬୧୭୮

## ଯଶସ୍ୱିନୀ ଲେଖିକା ଓ ଅଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କ ମହାପ୍ରୟାଣେ ସ୍ମୃତିତର୍ପଣ

୬୭ ବର୍ଷ ବୟସରେ ଓଡ଼ିଆ ସାହିତ୍ୟ ଆକାଶରୁ ଚିରବିଦାୟ ନେଇଛନ୍ତି ସାଂପ୍ରତିକ କାଳର ଜଣେ ଯଶସ୍ୱିନୀ ଲେଖିକା ଓ ଛାତ୍ରବତ୍ସଳା ଅଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ର। ମୃତ୍ୟୁ ଯେ ଏକ ଆକସ୍ମିକ ଘଟଣା, ତାହା ପୁଣି କେଉଁ ବୟସରେ ଓ କେଉଁ ପରିସ୍ଥିତିରେ କୋଳାଗ୍ରତ କରିନିଏ ବ୍ୟକ୍ତିସତ୍ତାକୁ ତାହା ସବୁଦିନ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ରହିଛି। ଏଇ ଚଳିତ ମଇ ମାସ ଏକ ତାରିଖ ଦିନ ଚଳଚଞ୍ଚଳ ରହି ଏକ ସାଂସ୍କୃତିକ ଉତ୍ସବରେ ଯୋଗଦାନ ପରେ ବାସଭବନରେ ବିଶ୍ରାମ ନେଉଥିବା ବେଳେ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ତତ୍‌କ୍ଷଣାତ ତାଙ୍କ ଭଦ୍ରକସ୍ଥିତ ବାସଭାବନରୁ ଚିକିତ୍ସାଳୟକୁ ନିଆଯାଇଥିଲେ ବି ଡାକ୍ତର କିନ୍ତୁ ତାଙ୍କୁ ମୃତ ଘୋଷଣା କଲେ। ଏଇ ଦୁଃସମ୍ବାଦଟି ସେହିଦିନ ମଧରାତ୍ରରୁ ସାମାଜିକ ଗଣମାଧ୍ୟମ ଜରିଆରେ ଦ୍ରୁତବେଗରେ ବ୍ୟାପି ଯାଇଥିଲା। ସକାଳେ ମଧ ବିଭିନ୍ନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧମର ଏକ ପ୍ରମୁଖ ସମ୍ବାଦ ରୂପେ ପରିବେଷଣ ହୋଇଥିଲା। ଓଡ଼ିଆ ସାହିତ୍ୟ ଆକାଶରୁ ଏକ ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ ହେବାର ଅନୁଭବ କଲେ ସମଗ୍ର ଓଡ଼ିଆ ସାହିତ୍ୟ ଜଗତ। ପୁରୀ ଜିଲ୍ଲାର ଶ୍ରୀକ୍ଷେତ୍ରରେ ଜନ୍ମସ୍ଥାନ ହୋଇଥିଲେ ବି ସେ କିନ୍ତୁ ବିବାହ ପରେ ଭଦ୍ରକରେ ହୋଇଥିଲେ ସ୍ଥାୟୀ ବାସିନ୍ଦା । ଜୁନ୍ ୧୫- ୧୯୫୯ ମସିହାରେ ଲକ୍ଷ୍ମୀଧର ମହାପାତ୍ର ଓ ସୁଶୀଳାମଣି ଦେବୀଙ୍କ କୋଳମଣ୍ଡନ କରି ପରିବାରର ଜ୍ୟେଷ୍ଠ ସନ୍ତାନ ରୂପେ ଭୂମିଷ୍ଠ ହୋଇଥିଲେ। ଉଚ୍ଚଶିକ୍ଷା ଲାଭ ପରେ ଡକ୍ଟରେଟ୍ ଡ଼ିଗ୍ରୀ ଉପାଧି ସହ ଅଧ୍ୟାପିକା ଜୀବନରେ ପ୍ରବେଶ କରି ଜଣେ ଛାତ୍ରବତ୍ସଳା କୃତି ଅଧ୍ୟାପିକା ଭାବେ ସାରା ରାଜ୍ୟରେ ସୁଖ୍ୟାତି ପାଇପାରିଥିଲେ। ହାଇସ୍କୁଲ ଜୀବନ ୧୯୭୫ରୁ ସାହିତ୍ୟ ସାଧନାରେ ନିମଗ୍ନ ରହି ଅନ୍ତିମ ସମୟ ପର୍ଯ୍ୟନ୍ତ ପଚିଶରୁ ଉର୍ଦ୍ଧ୍ୱ ମୌଳିକ ପୁସ୍ତକ ସହ ଗୋଟିଏ ଅନୁବାଦ ପୁସ୍ତକ ରଚନା କରିବାରେ ସଫଳ ହୋଇଥିଲେ। ମୁଖ୍ୟତଃ ଜଣେ ସଫଳ କବୀ ଭାବେ ତାଙ୍କର ଥିଲା ପାଠକୀୟ ଆଦୃତି। ତାଙ୍କ କବିତାର ଅଗଣନ ପାଠକ ତାଙ୍କ ଅବର୍ତ୍ତମାନରେ ଝୁରି ହେଉଛନ୍ତି। ସେ ଥିଲେ ଜଣେ ସ୍ନେହୀ ମାତୃବତ୍ସଳା ନାରୀ। ତାଙ୍କ ସହିତ ଯିଏ ଥରେ ପ୍ରତ୍ୟକ୍ଷ ହୋଇଛି ସେ କେବେ ତାଙ୍କୁ ଭୁଲି ପାରିନଥାଏ। ସାରସ୍ୱତ ସଙ୍ଗଠିକା ଭାବେ ତାଙ୍କର ଖ୍ୟାତି ଥିଲା ସର୍ବତ୍ର। ଓଡ଼ିଶା ଲେଖିକା ସଂସଦର ଭଦ୍ରକଶାଖାର ସେ ଆବାହିକା ସହ ରାଜ୍ୟଶାଖାର ଥିଲେ ଜଣେ ପ୍ରମୁଖ କର୍ମକର୍ତ୍ତା।

### ଡ. କାଳୀପଦ ପଣ୍ଡା



ମୋର ଯାହା ମନେପଡ଼େ, ପ୍ରଭାତ ନଳିନୀ ମହାପାତ୍ରଙ୍କ ସହ ମୋର ପ୍ରତ୍ୟକ୍ଷ ସଂପର୍କ ଆରମ୍ଭ ହୁଏ ୨୦୦୦ ମସିହା ବେଳକୁ। ମୁଁ ସେତେବେଳେ ମୋ ଗାଁ ବାଲିଆପାଳର ସୁନାରୁଇରେ ଅବସ୍ଥାନ କରି ପ୍ରଜାତନ୍ତ୍ରରେ ସାମ୍ବାଦିକତା ସହ ସାହିତ୍ୟ ସାଧନାରେ ରତ ରହି ଏକ ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ' ଆରମ୍ଭ କଲି। ସେତେବେଳେ ସାରା ରାଜ୍ୟର ଲେଖକ ଲେଖିକାଙ୍କ ସହ ପତ୍ରାଳାପରେ ସଂପର୍କ ସ୍ଥାପନ କରୁଥିଲାବେଳେ ଅଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ରଙ୍କ ଠାରୁ ଲେଖା ପାଇଥିଲି। ତତ୍‌ପରେ ୨୦୦୬ ମସିହା ବେଳକୁ ଯେତେବେଳେ ବାଲେଶ୍ୱର ସହରରେ ଅବସ୍ଥାନ କରି ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଭଳି ଏକ ପୁସ୍ତକ ପ୍ରକାଶନ ସଂସ୍ଥା ଗଢ଼ି ସାରା ରାଜ୍ୟର ଲେଖକମାନଙ୍କ ପୁସ୍ତକ ପ୍ରକାଶନ କଲି ସେତେବେଳେ ପ୍ରଭାତ ନଳିନୀ ଅପା ମୋ ପ୍ରକାଶିନୀରୁ ଅନେକ ବହି କିଣିବା ସହ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆମ ଷ୍ଟଲ ଭିତରକୁ ଆସି କିଛି ସମୟ ସେ ବିତାଉଥିଲେ ଓ ସୁଖଦୁଃଖ ହେଉଥିଲେ। ଧିରେ ଧିରେ ଆମର ସଂପର୍କ ଘନିଷ୍ଠ ହେଲା। ବିଭିନ୍ନ ସାରସ୍ୱତ ସଭାରେ ଆମେ ଭେଟ ହେଉଥିଲୁ। ଭଦ୍ରକର କେତୋଟି ସାହିତ୍ୟ ସଭାକୁ ସେ ମୋତେ ନିମନ୍ତ୍ରଣ କରୁଥିଲେ। ତାଙ୍କ ସହ ଦେଖା ହେଲେ ଖୁବ୍ ଆପଣାର ମନେ ହୁଅନ୍ତି। ଭାରି ସ୍ପଷ୍ଟବାଦୀ ମାତ୍ର ଛଳଶୂନ୍ୟ ଗୋଟିଏ ସ୍ନେହୀ ମଣିଷଟିଏ। ଭଦ୍ରକର ଲେଖିକା ସଂସଦର ଏକ ଅଧିବେଶନରେ ଅଧ୍ୟାପିକା ଡ. ସୋମା ଚାନ୍ଦଙ୍କ କେତେକ ପୁସ୍ତକ ଉନ୍ମୋଚନ ୰ ରାଖାଲ ଚନ୍ଦ୍ର ଦାସଙ୍କ ବାସଭବନରେ ଅନୁଷ୍ଠିତ ହେଲାବେଳେ ଆମେ ବାଲେଶ୍ୱରରୁ ଧ୍ୱନିପ୍ରତିଧ୍ୱନିର ସଂପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ମୁଖ୍ୟ ଅତିଥି ଓ ମୁଁ ମୁଖ୍ୟବକ୍ତା ଭାବେ ଯୋଗ ଦେବାକୁ ଯାଇଥିଲୁ। ପ୍ରଭାତ ନଳିନୀ ଅପା ଆମ ଦୁଇଜଣଙ୍କର ପରିଚୟ ପ୍ରଦାନ କଲାବେଳେ ମୋ ସଂପର୍କରେ ସେ ଯାହା ବି ଉଲ୍ଲେଖ କରିଥିଲେ ତହିଁରେ କାଳୀପଦ ଭାଇ ଏହି ସମ୍ବୋଧନରୁ ହିଁ ସେ ଯେଉଁ ପରିଚୟପର୍ବ ରଖିଲେ ତାହା ମୋତେ ଆଜି ଏକ ଭଉଣୀର ଶୂନ୍ୟତା ସୃଷ୍ଟି କରିଛି। ମୃତ୍ୟୁର ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ ସେ ଫୋନ୍ ଯୋଗେ ମୋ ପ୍ରକାଶିନୀର ସଦ୍ୟ ପ୍ରକାଶିତ ଦୁଇଟି ଉପନ୍ୟାସ ସଂପର୍କରେ ଚର୍ଚ୍ଚା କରି ନେବାପାଇଁ ଚାହିଁଥିଲେ। ତାହାହିଁ ଜୀବନର ଶେଷ ବାର୍ତ୍ତାଳାପ ହୋଇଗଲା। ସତରେ, ମୁଁ ସମଗ୍ର ଓଡ଼ିଶାର କୋଣ ଅନୁକୋଣରେ ସାହିତ୍ୟ ପାଇଁ ଘୂରିବୁଲିଥାଏ, ଅସଂଖ୍ୟ ଲେଖକ ଲେଖିକାଙ୍କ ସହ ସଂପର୍କ ଯୋଡ଼ି ଥାଏ। ହେଲେ ପ୍ରଭାତ ନଳିନୀ ଅପାଙ୍କର ଆତ୍ମୀୟତା ଯେଭଳି ନିଷ୍କପଟ ସେହିଭଳି ତାଙ୍କ କାବ୍ୟ କବିତା ବେଶ୍ ହୃଦୟସ୍ପର୍ଶୀ। ତାଙ୍କ କବିତା ମଧ୍ୟରେ ମୁଁ ଦେଖିଛି ଜୀବନବୋଧ, ସାମାଜିକ ଜୀବନର ନିଛକ ପ୍ରତିଛବି, ଜୀବଜଗତ ଓ ପ୍ରକୃତି ପ୍ରତି ଅହେତୁକ ଭଲ ପାଇବା, ମଣିଷ ସହ ମଣିଷର ଭାବ ବନ୍ଧନର ରଜ୍ଜୁକୁ ମଜ୍‌ବୁତ୍ କରିବାର ଆପଣାପଣର ପରିଭାଷା। ଆଧ୍ୟାତ୍ମିକତା ତାଙ୍କର ରଚନାର ଅନ୍ତରାଳରେ ଫୁଟି ଉଠୁଥିଲା। ଜୀବ-ପରମ, ଏଇ ସତ୍ତାର ଗୋଟିଏ ସୂକ୍ଷ୍ମାତି ସୂକ୍ଷ୍ମ ବିଶ୍ଳେଷଣ ପ୍ରତୀକାତ୍ମକ ଭାବେ ତାଙ୍କ ସୃଷ୍ଟି ମଧ୍ୟରୁ ପ୍ରତୀୟମାନ ହୁଏ। ଆଜି ସେ ସ୍ୱଦେହରେ ଇହଧାମରେ ନଥିଲେ ବି ତାଙ୍କ ବିଶାଳ ସୃଷ୍ଟି ପରିଧି ମଧ୍ୟରେ ସେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ପିଢ଼ି ପରେ ପିଢ଼ି ମଧ୍ୟରେ ପ୍ରତିଭାତ ହେଉଥିବେ ଓଡ଼ିଆ ସାହିତ୍ୟର ଦରବାରରେ। ତାଙ୍କର ଅନୁଜ ଭ୍ରାତା, ଯେ କି ଓଡ଼ିଶାର ଜଣେ ପ୍ରତିଷ୍ଠିତ ଲେଖକ ତଥା ଏନ୍.ବି.ଟି. ନୂଆଦିଲ୍ଲୀର ଓଡ଼ିଆ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟନିର୍ବାହ କରିଥିଲେ ଡ. ମାନସ ରଞ୍ଜନ ମହାପାତ୍ର ମହୋଦୟ ପୁଣି ତାଙ୍କର ଭାଉଜ ସେ ମଧ ସୁଲେଖିକା ଓ ଅଧ୍ୟାପିକା ଶୈଳବାଳା ମହାପାତ୍ରଙ୍କ ସମେତ ତାଙ୍କ ପରିବାରର ସମସ୍ତେ ତାଙ୍କର ଏଭଳି ଆକସ୍ମିକ ବିଦାୟରେ ବାକ୍‌ଶୂନ୍ୟ ହୋଇପଡ଼ିଛନ୍ତି।

ମୁଁ ଏହି ଯଶସ୍ୱିନୀ ସାରସ୍ୱତ ସାଧିକାଙ୍କୁ ମୋର ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସହ ତାଙ୍କ ଅମ୍ଳାନ ସ୍ମୃତିରେ ଶବ୍ଦଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

♥ ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ
ମୋ. ୮୯୧୭୨୫୫୪୯୩

# ୬ ତମ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ବସ୍ତା, ୦୯/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଜୟପୁର ଓ ଦୁଧହଂସା ଆମ ଗାଁ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଷଷ୍ଠ ତମ ବୈଶାଖୀ ମହୋତ୍ସବ ର ୪ର୍ଥ ସନ୍ଧ୍ୟା ରେ ଶୋଭା କାର୍ଯ୍ୟ ଆୟୋଜିତ ହୋଇଯାଇଛି । ।ଆୟୋଜକ ସୁଲଗ୍ନା ଗ୍ରୁପ ଅଫ ଇନସିଚ୍ୟୁଟ ଓ ଆମ ଗାଆଁ ଚେରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଡ଼ ଘନଶ୍ୟାମ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ବିଜୁ ଜନତା ଦଳ ର ସାଂସଦ ପାର୍ଥିନି ଲେଖାଶ୍ରି ସାମନ୍ତ ସିଂହାର, ସମ୍ମାନିତ ଅତିଥି ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟସିବ ଦାସ , ବରିଷ୍ଠ କବି ପ୍ରଶାନ୍ତ ଦାସ , ଅପରାହ୍ନ ପେପର ର ସମ୍ପାଦକ ବଂଶୀଧର ଜେନା , ବସ୍ତା ର ଯୁବ ନେତା ମହାଦେବ ଦାସ , ଙ୍କ ସହ ବହୁ ବହୁ ପ୍ରତିଭା ବାନ ବ୍ୟକ୍ତି ଯୋଗଦେଇ ମହୋତ୍ସବ ଭାଇ ଚାରା, ସଂସ୍କୃତି , ପରମ୍ପରା ଙ୍କୁ ମନେ ପକାଇବା ର ମାଧ୍ୟମ ମହୋତ୍ସବ ବୋଲି ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ । ଗାଁ , ମାଟି ଓ ମୁଲକର ସାମାଜିକ, ଆଧାତ୍ମିକ ଓ ସଂସ୍କୃତିକ ବିକାଶ ପାଇଁ ସମସ୍ତେ ମା ମାଟି କୁ ନ ଭୁଲି ସମସ୍ତେ ସମସ୍ତ ଙ୍କୁ ଭଲ ପାଇବାକୁ ନିବେଦନ କରିଥିଲେ । ଏହି ଅବସର ରେ ଆମ ଗାଁ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ବହୁ ପ୍ରତିଭାବାନ ବ୍ୟକ୍ତି ଙ୍କ ସହ ସାମ୍ବାଦିକ ମାନସ ରଞ୍ଜନ ବେହେରା ଓ ସୁଶାନ୍ତ କୁମାର ପ୍ରଧାନ ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ତତ ସହିତ ଅନୁଷ୍ଠାନ ପକ୍ଷରୁ ପଞ୍ଚାୟତ ର ଏସ ଏଚ ଜି ଗ୍ରୁପ ର ମହିଳା ମାନଙ୍କୁ ନେଇ ହୋଇଯାଇଥିବା ପ୍ରତିଯୋଗିତା ର ବିଜେତା ଗ୍ରୁପ ଓ କିଛି ମେମ୍ବର ଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସାନ୍ଧ୍ୟ ସମୟରେ ମିନା ବଜାର ର ଆନନ୍ଦ ନେବା ସହ ଅନୁଷ୍ଠାନ ପକ୍ଷରୁ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ର ମଜା ନେଇଥିଲେ ହଜାର ହଜାର ଦର୍ଶକ ।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ରଘୁନାଥ ଓ ନରେନ୍ଦ୍ର

ଉଦଳା, ୦୯/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ମାଟିଆଳିସାହି ଗ୍ରାମର ବାସିନ୍ଦା ଦୀପକ ବିନ୍ଧାଣିଙ୍କ ଦୁଇପୁତ୍ର 'ରଘୁନାଥ' ଓ 'ନରେନ୍ଦ୍ର' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । 'ନରେନ୍ଦ୍ର'ଙ୍କୁ ବର୍ତମାନ ବୟସ ୧୩ ବର୍ଷ ଛୁଇଁଥିବା ବେଳେ 'ରଘୁନାଥ' ୧୨ବର୍ଷ ବୟସରଙ୍କ ପଦାର୍ପଣ କଲେ । ପରିବାର ଲୋକଙ୍କ କହିବା ଅନୁସାରେ କିଛିବର୍ଷ ପୁର୍ବେ କାମ କରିବା ପାଇଁ ସମସ୍ତେ ନିକଟରେଥିବା ଢ଼ୋଲଗଣ୍ଡି ଗ୍ରାମକୁ ଯାଇଥିଲେ । ଏହି ଗ୍ରାମରେ ରହଣିକାଳ ମଧ୍ୟରେ ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଦୁଇପୁତ୍ର 'ରଘୁନାଥ' ଓ 'ନରେନ୍ଦ୍ର' ପାଠପଢୁଥିଲେ । ଏଠାରୁ ପଂଚମ ଶ୍ରେଣୀ ପାସ କରିବା ପରେ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ପାଖରେ ଆଉ ବିଦ୍ୟାଳୟ ନାହିଁ । ଦୁରରାସ୍ତା ଯିବା ଆସିବା କରି ପାଠ ପଢ଼ିବା ସମ୍ଭବ ନହେବାରୁ ହଷ୍ଟେଲରେ ରହି ପଢ଼ିବା ପାଇଁ ଚାହୁଁଥିଲେ । କିନ୍ତୁ କୌଣସି ସ୍ଥାନରେ ହଷ୍ଟେଲ ସିଟ ମିଳିଲା ନାହିଁ । ଶେଷରେ ଅନ୍ୟ କୌଣସି ଉପାୟ ନପାଇ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହେଲେ । କାରଣ ପଇସା ଖର୍ଚ୍ଚ କରି ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ଥିଲା । ଏହିପରି 'ନରେନ୍ଦ୍ର' ଆଜକୁ ୩ ବର୍ଷ ଧରି ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବା ବେଳେ 'ରଘୁନାଥ' ଗୋଟିଏ ବର୍ଷ ହେବ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ 'ରଘୁନାଥ' ଓ 'ନରେନ୍ଦ୍ର'ଙ୍କ ପରି ବିଭିନ୍ନ କାରଣରୁ ବହୁ ସଂଖ୍ୟାରେ ପିଲା ଅଧାରୁ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

## ପରିବେଶ ଓ ଅନୁକୂଳ...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଗବେଷଣାରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଏସବୁ ପ୍ରତିକ୍ରିୟା ମେଘ ସୃଷ୍ଟିକୁ ପ୍ରଭାବିତ କରେ ଏବଂ ଓଜୋନ ଭଳି ଅନ୍ୟାନ୍ୟ ଉତ୍ତାପ ସୃଷ୍ଟିକାରୀ ବାଷ୍ପ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି କରେ ।

ଭାରତ ନିଜ ଜଳବାୟୁ ନୀତିରେ ଉଦଜାନ ଉପରେ ପ୍ରାଧାନ୍ୟ ଦେଇଛି । ନ୍ୟାସନାଲ ଗ୍ରୀନ ହାଇଡ୍ରୋଜେନ ମିସନ ମାଧ୍ୟମରେ ଭାରତ ସରକାର ଗ୍ରୀନ ହାଇଡ୍ରୋଜେନ ବା ସବୁଜ ଉଦଜାନକୁ ପ୍ରୋତ୍ସାହିତ କରୁଛନ୍ତି । ଉଦ୍ଦେଶ୍ୟ ହେଉଛି ଇସ୍ପାତ, ସାର ଓ ଭାରତୀ ପରିବହନ କ୍ଷେତ୍ରରୁ ଅଙ୍ଗାରକାମ୍ଳ ନିଃସ୍ତରଣ ହ୍ରାସ କରିବା । ତେବେ ସମସ୍ୟା ହେଲା, ଅକ୍ଷୟଶକ୍ତି ଦ୍ୱାରା ଇଲେକ୍ଟ୍ରୋଲିସିସ୍ ମାଧ୍ୟମରେ ସବୁଜ ଉଦଜାନ ଉତ୍ପାଦନ କରିବା ବ୍ୟୟବହୁଳ ବ୍ୟାପାର । ତେଣୁ ଭାରତ ପାଇଁ ଯେତେ ପରିମାଣ ସବୁଜ ଉଦଜାନ ଆବଶ୍ୟକ ତାହା ଉତ୍ପାଦନ କରିବା କଷ୍ଟସାଧ୍ୟ । ତେଣୁ କୋଇଲା ଓ ପ୍ରାକୃତିକ ବାଷ୍ପ ଭଳି ଶିଳ୍ପ ବ୍ୟବହାର କରି ଅଧିକାଂଶ ଉଦଜାନ ଉତ୍ପାଦିତ ହୋଇଥାଏ । ଏଥିନିମନ୍ତେ ବ୍ୟାପକ ଶକ୍ତି ଖର୍ଚ୍ଚ କରାଯାଉଥିବାରୁ ବିପୁଳ ପରିମାଣର ଅଙ୍ଗାରକାମ୍ଳ ନିଃସରଣ ହେଉଛି ।

ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ଦ୍ୱାରା ସମାହିତ ଏ ଗବେଷଣା ସମ୍ପୂର୍ଣ୍ଣ ଉଦଜାନ ବିରୋଧୀ ନୁହେଁ, ବରଂ ଏଥିପ୍ରତି ସତର୍କ ରହିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି । ଏଥିରେ ଗବେଷଣା କରିଥିବା ଦଳେ ଆନ୍ତର୍ଜାତିକ ବୈଜ୍ଞାନିକ କହିଛନ୍ତି ଯେ ମୁଖ୍ୟତଃ ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଉଦଜାନ ନିଃସରଣ ବୃଦ୍ଧି ପାଉଛି ।

୧୯୯୦ରୁ ୨୦୨୦ ମଧ୍ୟରେ ଯେଉଁ ଉଦଜାନ ସ୍ତର ବୃଦ୍ଧି ପାଇଛି ସେଥିଲାଗି ଜୀବାଶ୍ମ ଇନ୍ଧନ, ପ୍ରାଣୀ ସମ୍ପଦ ଓ ଗର୍ତ୍ତ ଖନନ କରି ଆବର୍ଜନା ପୋତାଯିବା ମଧ୍ୟ କିଛି ପରିମାଣରେ ଦାୟୀ । ବାୟୁମଣ୍ଡଳରେ ବିଘଟିତ ହେଲାବେଳେ ମିଥେନରୁ ମଧ୍ୟ ଉଦଜାନ ନିଃସରଣ ହୋଇଥାଏ । ଉଦଜାନ ଇନ୍ଧନ ନିଶ୍ଚିନ୍ତ ଭାବରେ ବର୍ତ୍ତମାନ ସମୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହି ସବୁଜ ଉଦଜାନ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଭାରତ ପାଇଁ ଅତ୍ୟନ୍ତ ଉପଯୋଗୀ ।

+ ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା

# ବଗଲପୁର ଶୀତଳା ପୂଜାରେ ସମ୍ମାନିତ କରାଗଲା ମା' ମାନଙ୍କୁ



ବୈଶିଙ୍ଗା , ୦୯/୫ (ନି.ପ୍ର):ବୈଶିଙ୍ଗା ଥାନା ଅନ୍ତର୍ଗତ ହାତୀଝୁରୀ ପଞ୍ଚାୟତର ବଗଲପୁର ଗ୍ରାମରେ ମାଆ ଶୀତଳା ଠାକୁରାଣୀ ଙ୍କ ପାଞ୍ଚ ଦିନ ବ୍ୟାପି ଶହେ ତମ ବାର୍ଷିକ ପୂଜା ଗତ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି । ବିଶେଷ କରି ଗ୍ରାମର ମହିଳାମାନେ ପୂଜାର୍ଚ୍ଚନା ରେ ସହଯୋଗ କରି ସର୍ବାଙ୍ଗ ସୁନ୍ଦର ଭାବେ ପ୍ରତିପାଦିତ କରିଥିଲେ । ପ୍ରଥମ ଦିବସରେ ଘଟୋତ୍ତଳନ, ପୂଜା ଦ୍ୱିତୀୟ ଦିନରେ ବଡପୂଜା ,ନବମୀ ପୂଜା ପର ଦିନ ସମାପିତ ହୋଇଥିଲା । ସୁନ୍ଦର ସାଜ ସଜ୍ଜା ସାଙ୍ଗକୁ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠିଥିଲା । ଶେଷ ସନ୍ଧ୍ୟାରେ ବାଲିଆପାଳ ର 'ଐଶ୍ୱର୍ଯ୍ୟ ଓଡ଼ିଶା ଅପେରା 'ପକ୍ଷରୁ 'ଯେତେ କାନ୍ଦିଲେବି ଲୁହ ଝରେନି ' ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଶହ ଶହ ଦର୍ଶକ ମନ ଭରି ଉପଭୋଗ କରିଥିଲେ ।ଅପେରା ପାର୍ଟି ପକ୍ଷରୁ ଶୀତଳା ପୂଜାର ଶହେ ବର୍ଷ ପୂର୍ତ୍ତୀ ଉପଲକ୍ଷେ ମହିଳା ମାନଙ୍କୁ ସମ୍ମାନୀତ କରାଯାଇଥିଲା । ସେହି ମହିଳାମାନେ ହେଲେ ଲକ୍ଷ୍ମୀ ମଣୀ ମହାନ୍ତ , ଝୁନୁ ଦେହୁରୀ , ପବିତ୍ରା ଦେହୁରୀ, ରଞ୍ଜିତା ଦେହୁରୀ, ଶଙ୍କିରୀ ଦେହୁରୀ, ଅଙ୍କି ବେହେରା, ଚୁମୁକି ପାତ୍ର ପ୍ରମୁଖ ସମ୍ମାନୀତ ହୋଇଥିଲେ । ଏହି ପୂଜା କମିଟୀ ରେ କେବଳ ମହିଳା ମାନେ ଦୀର୍ଘ ବର୍ଷ ଧରି ମାଆ ଶୀତଳା ଙ୍କ ବାର୍ଷିକ ପୂଜା କରିଆସୁଥିବାରୁ ସମସ୍ତେ କୃତଜ୍ଞତା ଜଣାଇଛନ୍ତି ।

# ସମ୍ବଲପୁରରେ ସେବା ଭାରତୀ ଓଡ଼ିଶା ପଶ୍ଚିମର ବାର୍ଷିକ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୦୯/୫ (ନି.ପ୍ର): ସେବା ଭାରତୀ କେବଳ ଏକ ସଂଗଠନର ନାମ ନୁହେଁ, ବରଂ ଏହା ନିଃସ୍ୱାର୍ଥପର ସେବାର ଏକ ଅନନ୍ୟ ପ୍ରତୀକ ବୋଲି ଶନିବାର ସମ୍ବଲପୁର ଠାରେ ଆୟୋଜିତ 'ସେବା ଭାରତୀ' ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ସେବା ହିଁ ଭଗବାନ' ମନ୍ତ୍ରକୁ ପାଥେୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂସ୍କାର ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରତିଟି କ୍ଷେତ୍ରରେ ଏହି ଅନୁଷ୍ଠାନର ସମର୍ପିତ କାର୍ଯ୍ୟଧାରା ଅତ୍ୟନ୍ତ ପ୍ରଶଂସନୀୟ । ସମାଜର ଅବହେଳିତ ଓ ବଞ୍ଚିତ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେବା ଭାରତୀ ଯେଉଁ ସଂକଳ୍ପ ନେଇଛି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ଆମେ କାହାକୁ ଦୟା କରିବା ଉଚିତ ନୁହେଁ, କାହାକୁ ଅନୁକମ୍ପା ଦେଖେଇବା ଉଚିତ ନୁହେଁ, ଆମେ ଆମର ନିଜର କର୍ତ୍ତବ୍ୟ କରିବା ଉଚିତ । କର୍ତ୍ତବ୍ୟଟା ଆମର ସମାଜର ସଂସ୍କାର ।

ସ୍ଥାନୀୟ ପ୍ରସଙ୍ଗ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେବା ଭାରତୀ ସଦାସର୍ବଦା ନିଜକୁ ସମାଜ ସହ ଯୋଡ଼ି ରଖିଛି । ସାମାଜିକ ସ୍ୱାବଲମ୍ବନ ସହ ପାରମ୍ପାରିକ କାର୍ଯ୍ୟକ୍ରମ ଏବଂ ପାନୀୟ ଜଳ ବ୍ୟବସ୍ଥା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଏକ ଆତ୍ମୀୟତା ଓ ସାମୂହିକ ସଦଭାବ ସୃଷ୍ଟି କରିବାରେ ଏହି ସଂଗଠନ ସଫଳ ହୋଇଛି । ତେବେ ଆଜି ଜିଲ୍ଲା ପ୍ରଶାସନ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ସେବା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବ । ସେହିପରି ସ୍ଥାନୀୟ ଅଞ୍ଚଳରେ ଚାଲୁଥିବା ଗୋଶାଳା ଓ ଚିକିତ୍ସା ଶିବିର କାର୍ଯ୍ୟରେ ସେବା ଭାରତୀ ସହ ସମାଜର ପ୍ରତିଟି ବ୍ୟକ୍ତି ମଧ୍ୟ ମିଳିତ ଭାବେ ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଆଜିର ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣକୁ ଏକ ଚିନ୍ତାଜନକ ବିଷୟ ଭାବେ ଦର୍ଶାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଗାମୀ ପିଢ଼ିକୁ ସୁସ୍ଥ ଓ ଶିକ୍ଷିତ କରି ଗଢ଼ିତୋଳିବା ଆମ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ । ଏହା ସହ ବଢୁଥିବା ତାପମାତ୍ରାର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, 'ଯେତେବେଳେ ଆମେ ସମାଜକୁ ନିଜର ପରିବାର ଭାବେ ଗ୍ରହଣ କରିବା, ସେତେବେଳେ ଯାଇ ଏକ ସୁସ୍ଥ ଓ ସୁବ୍ୟବସ୍ଥିତ ସମାଜ ଗଠନ ସମ୍ଭବ ହେବ ।'

ଏହି ବାର୍ଷିକ ଉତ୍ସବରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଏବଂ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକଙ୍କ ସମେତ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସମସ୍ତ ବର୍ଗଙ୍କୁ ସାଥିରେ ନେଇ ସେବା ଭାରତୀ ଏହି ମହତ ସେବା ଜାରି ରଖିଥିବାରୁ ଶ୍ରୀ ପ୍ରଧାନ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ।

# ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ପାଳନ

ବସ୍ତା : ୯/୫ : (ନିପ୍ର) ଓଡ଼ିଶା ରକ୍ତଦାତା ସଂଘ ଓ ବସ୍ତାସ୍ଥିତ ପିଏମଶ୍ରୀ ଶମ୍ଭୁନାଥ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ବିଶ୍ୱ ରେଡକ୍ରସ ଦିବସ ଓ ବିଶ୍ୱ ଥାଲାସେମିଆ ଦିବସ ପାଳନ ଅବସରରେ ସଙ୍ଗଠନର ପ୍ରତିଷ୍ଠା ଦିବସ ବସ୍ତାସ୍ଥିତ ନର୍ଥ ଓଡ଼ିଶା ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଉକ୍ତ ବୈଠକରେ ସଂଘର ସଭାପତି ଭିକାରୀ ଚରଣ ମିସ୍ତ୍ରୀ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ବାର୍ଷିକ ବିବରଣୀ ଓ ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମାନସ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଜାଗେଶ୍ୱରପଦାସ୍ଥିତ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବରେ ବସ୍ତାସ୍ଥିତ ପିଏମଶ୍ରୀ ଶମ୍ଭୁନାଥ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଗୋକୁଳାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଓଡ଼ିଶା ରକ୍ତଦାତା ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଯୁବ ସମାଜକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ବିଶ୍ୱ ରେଡକ୍ରସ ଦିବସ ଓ ବିଶ୍ୱ ଥାଲାସେମିଆ ଦିବସ ସମ୍ପର୍କରେ ରବିରତନ ପରିଡ଼ା, ହରିଶଙ୍କର ପାଢ଼ୀ, ରାଜେନ୍ ପରିଡ଼ା, ଚିନ୍ମୟ ଶତପଥୀ ଓ ଗୌରାଙ୍ଗ ସେଠୀ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ସ୍ୱେଚ୍ଛା ରକ୍ତଦାନ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବା ପାଇଁ ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି । ଅନୁଭବ ମହାପାତ୍ର, ସୁବ୍ରତ ମଲ୍ଲିକ, ଦିବ୍ୟମୋହନ ବେହେରା, ଗୋପୀନାଥ ଦଳାଇ, ହରିଶ୍ଚନ୍ଦ୍ର ରାଉତ, ପ୍ରଦୀପ ବେହେରା, ଚନ୍ଦନ ମୈକାପ ଓ ବିଶ୍ୱନାଥ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶମ୍ଭୁନାଥ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଓ ନର୍ଥ ଓଡ଼ିଶା ଡିଗ୍ରୀ କଲେଜକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସଙ୍ଗଠନର ପ୍ରତିଷ୍ଠା ଦିବସରେ ହରିଶଙ୍କର ପାଢ଼ୀ ଓ ରାଜେନ୍ ପରିଡ଼ା ଆଜୀବନ ସଦସ୍ୟତା ଗ୍ରହଣ କରିଥିବାରୁ ଓଡ଼ିଶା ରକ୍ତଦାତା ସଂଘ ତରଫରୁ ଅତିଥିମାନେ ଉଭୟଙ୍କୁ ପୁଷ୍ପତାରା ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଶେଷରେ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କ ମୃତଦେହ ଉଦ୍ଧାର



ଖଇରା, ୦୯/୫ (ନି.ପ୍ର): ଔପଦା ଥାନା ଫତେପୁର ପଞ୍ଚାୟତ ଷୋହଳ ଭଉଣୀ ଡ୍ୟାମ ନିକଟରେ ଗଛରୁ ବିବାହିତ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଠାବ ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ମୃତ ଯୁବକଙ୍କ ଘର ଖଇରା ଥାନା କେନ୍ଦୁଭଦଳୀ ଗ୍ରାମର । ବର୍ଷା ପରେ ଆମ୍ବଖୁଣ୍ଟିବାକୁ ଯାଇଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ ।ଖବର ପାଇ ଔପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଗଛରୁ ତଳକୁ ଓହ୍ଲାଇବା ପରେ ମୃତ୍ୟୁ ହୋଇଥିବାର ପରିଚୟ ଜଣାପଡିଥିଲା । ମୃତ ଯୁବକଙ୍କ ଘର ଖଇରା ଥାନା କେନ୍ଧୁଭଦଳୀ ଗ୍ରାମର ହୋଇଥିଲା ବେଳେ ସନାତନ ବାରିକଙ୍କ ପୁଅ ହେମନ୍ତ (୩୦) ବୋଲି ଜଣାପଡ଼ିଥିଲା । ସ୍ୱାମୀ ଓ ସ୍ତ୍ରୀଙ୍କର କଳି ନେଇ କିଛିଦିନ ଧରି ମାନସିକ ଅଶାନ୍ତିରେ ଥିବା ବେଳେ ବାହାର ରାଜ୍ୟରେ ଘରୋଇ କମ୍ପାନୀର କାମ କରୁଥିଲେ । ଛୁଟି ରେ ଘରକୁ ଆସି ଥିବା ବେଳେ ଏପରି ଅଘଟଣ ଘଟିଛି । ମୃତ ଯୁବକ ର ଦେହରେ ଫୁଙ୍ଗୁଳା ଥିବା ବେଳେ କେବଳ ଚଡି ପିନ୍ଧିଥିବା ର ଦେଖିବାକୁ ମିଳିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୁଖ୍ୟମନ୍ତ୍ରୀ କ୍ଷୁବ୍ଧ, ପୁଲିସ ଡିଜିଙ୍କ ଉପରେ...

ପାଇଁ ଏଭଳି ଅମାନବିକ ହତ୍ୟା ହେଉଛି ଓ ସେଥିରେ କାହିଁକି ନିୟନ୍ତ୍ରଣ ଆସୁନି ବୋଲି ପୁଲିସ ଡିଜିଙ୍କୁ ପ୍ରଶ୍ନ କରିଥିବା ସୂଚନା ମିଳିଛି । ଅପରାଧ ବିରୁଦ୍ଧରେ ଜିରୋ ଟଲେରାନ୍ସ ନୀତି ଆପଣାଇବାକୁ ନିର୍ଦ୍ଦେଶ ଦେବା ସହ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନହୁଏ, ସେଥିପାଇଁ ପୁଲିସ ଡିଜି ଶ୍ରୀ ଖୁରାନିଆଙ୍କୁ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବାଲିଅନ୍ତାରେ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ ଏହାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ରାଇମବ୍ରାଂଚକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ସମେତ କଣାସ ଓ ହିଞ୍ଜିଳି ଘଟଣା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି । ବୈଠକ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିଲା । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ରଙ୍କ ସମେତ ମୁଖ୍ୟ ସଚିବ ଅନୁ ଗର୍ଗ, ଗୃହ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ସଚିବ ଶାଶ୍ୱତ ମିଶ୍ର, ପୁଲିସ ଡିଜି ୱାଇବି ଖୁରାନିଆ, ଗୁଇନ୍ଦା ଡଇଜି ଆରପି କୋଚେ, କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟରେ ପ୍ରତିଷ୍ଠା ...

ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକେନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି । ଅନ୍ୟପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ୍ତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍‌ମ୍ୟାପ୍‌କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଆଇନ ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରୋଡ୍ ନେଟ୍‌ୱାର୍କ, ପର୍ଯ୍ୟଟନ, ଆଇଟି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ବର୍ଣ୍ଣନା କରିବା ସହ ଜନସାଂଖ୍ୟିକ ପରିବର୍ତ୍ତନ କେବଳ ଜନସଂଖ୍ୟା ନୁହେଁ, ଏହା ପରିବାର, ସାମାଜିକ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଲେ ଯେ ଆଜିର ସମାଜରେ ପରିବର୍ତ୍ତିତ ପରିବାର ବ୍ୟବସ୍ଥା, ଦାୟିତ୍ୱ ଓ ସାମାଜିକ ପରିସ୍ଥିତି ଯୋଗୁଁ ଅଦାଲତରେ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଇନର ବ୍ୟାଖ୍ୟା ପରିବର୍ତ୍ତିତ ପରିସ୍ଥିତି ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଏବଂ ସାଧାରଣ ଲୋକ ବୁଝିବା ଭଳି ଆଇନ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ୟୁଏନ୍‌ଏଫ୍‌ପିଏର ଓଡ଼ିଶା ମୁଖ୍ୟ ନଦୀମ୍ ନୁର ଜନସାଂଖ୍ୟିକ ପରିବର୍ତ୍ତନରେ ସାମାଜିକ କାର୍ଯ୍ୟପ୍ରଣାଳୀ ଏବଂ ନ୍ୟାୟ ବ୍ୟବସ୍ଥାରେ ଏହାର ପ୍ରତିଫଳନ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ "Law in a Changing Society: Demographic Transition and Legal Frameworks in Odisha" ଶୀର୍ଷକ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଏଥିରେ ଜନସାଂଖ୍ୟିକ ପରିବର୍ତ୍ତନ, ଶାସନ ବ୍ୟବସ୍ଥା ଓ ଆଇନ ମଧ୍ୟରେ ଥିବା ସମ୍ପର୍କକୁ ବିଭିନ୍ନ ନ୍ୟାୟିକ ରାୟ ମାଧ୍ୟମରେ ବିଶ୍ଳେଷଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ୟୁଏନ୍‌ଏଫ୍‌ପିଏର ସୂର୍ଯ୍ୟପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

### କୋଲକାତାରେ ଆରମ୍ଭ...

ଟାଗୋରଙ୍କ ଜନ୍ମ ଦିନ । ସେଥିପାଇଁ ଆଜିର ଦିନଟିକୁ ଶପଥ ଗ୍ରହଣ ପାଇଁ ବାଛିଥିଲା ବିଜେପି । କୁହାଯାଉଛି, ବିଜେପିକୁ ଟିଏମ୍‌ସି ଉତ୍ତର ଭାରତର ଦଳ କହିଆସୁଥିବା ବେଳେ ଏହା ପଶ୍ଚିମବଙ୍ଗର ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବ ନାହିଁ ପ୍ରଚାର କରିଥିଲା । ସେଥିପାଇଁ ବିଜେପି ଆଜିର ଦିନଟିକୁ ଶପଥ ଗ୍ରହଣ ପାଇଁ ବାଛିଥିଲା । ସେହିପରି ଶପଥ ଗ୍ରହଣ ଉତ୍ସବରେ ୨୦ଟି ଷ୍ଟଲରେ ବିଭିନ୍ନ ପ୍ରକାର ମିଠା ସହିତ ଝାଲମୁଢ଼ି ରଖାଯାଇଥିଲା । ଏହି ଶପଥ ଗ୍ରହଣ ଉତ୍ସବରେ ବିଜେପିର ବରିଷ୍ଠ ନେତା ୯୮ ବର୍ଷୀୟ ମାଖନଲାଲ ସରକାର ଉପସ୍ଥିତ ରହିଥିଲେ । ପଶ୍ଚିମବଙ୍ଗରେ ବିଜେପିରେ ସେ ହେଉଛନ୍ତି ସବୁଠୁ ବୟସ୍କ କର୍ମୀ । ସେ ଦଳ ପାଇଁ ତୃଣମୂଳ ସ୍ତରରେ କାମ କରିଥିଲେ । ୧୯୫୨ରେ ଶ୍ୟାମା ପ୍ରସାଦ ମୁଖାର୍ଜୀ କଶ୍ମୀରରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଯେଉଁ ଆନ୍ଦୋଳନ କରିଥିଲେ ସେଥିରେ ମାଖନଲାଲ ସରକାର ସାମିଲ ହୋଇ ଗିରଫ ହୋଇଥିଲେ । ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଏକ ଶାଲ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ । ସଦ୍ୟ ଶେଷ ହୋଇଥିବା ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନରୁ ବିଜେପି ୨୦୭ଟି ଜିତିଥିବା ବେଳେ ତୃଣମୂଳ କଂଗ୍ରେସ ୮୦, ବାମ ମେଣ୍ଟ ୨, କଂଗ୍ରେସ ୨ ଓ ଏଜେୟୁପି ୨ ଟି ଆସନ ଜିତିଛନ୍ତି । ଭବାନୀପୁରରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲେ ।

### କଂଗ୍ରେସ ବ୍ୟତୀତ ଅନ୍ୟ...

ତୁମେମାନେ ଦେଖିବ ସେମାନଙ୍କ (ବିଜେପି ଓ ଆରଏସ୍‌ଏସ୍) ଆଗରେ ଅନ୍ୟ କୌଣସି ଦଳ ଛିଡ଼ା ହୋଇପାରିବ ନାହିଁ । କେବଳ କଂଗ୍ରେସ ପାର୍ଟି ରହିବ ଓ ସେମାନଙ୍କୁ ହରାଇବ । ଏଥିରୁ ଏକ ସରଳ ପ୍ରଶ୍ନ ଜନ୍ମ ନେଇଥିଲା । ଏହାର ଅର୍ଥ କ'ଣ କେନ୍ଦ୍ରରେ ବିଜେପିର ମୁଖ୍ୟ ବିରୋଧୀ ଦଳ ଥିବା ଇଣ୍ଡି ମେଣ୍ଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଗଲା କି ? ରାହୁଲଙ୍କ ଏହି ଭିଡିଓ କେବଳ ଏହାର ଏକମାତ୍ର ସଙ୍କେତ କି ? ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ ପରାସ୍ତ କରିବା ଲକ୍ଷ୍ୟରେ ୧୨ରୁ ଅଧିକ ଦଳମାନଙ୍କୁ ନେଇ ୨୦୨୩ ରେ ଇଣ୍ଡି ମେଣ୍ଟ ଗଠନ ହୋଇଥିଲା । ଡିଏମ୍‌କେ ଟିଭିକେକୁ କଂଗ୍ରେସର ସମର୍ଥନ ଘୋଷଣାକୁ ବିଶ୍ୱାସଘାତକ କହିଥିଲା । କଂଗ୍ରେସ ଡିଏମକେ ସହିତ ମେଣ୍ଟ କରି ୨୮ଟି ବିଧାନସଭା ଆସନ ସହିତ ଗୋଟିଏ ରାଜ୍ୟସଭା ଆସନ ପାଇଥିଲା ବୋଲି ଡିଏମ୍‌କେ କହିଥିଲା । ଡିଏମ୍‌କେ ସାଂସଦ କେ କାନିମୋଝି ବାଚସ୍ପତିଙ୍କୁ ଚିଠି ଲେଖି ସଂସଦରେ ଡିଏମ୍‌କେ ପାଇଁ କଂଗ୍ରେସଠାରୁ ଅଲଗା ବସିବା ବ୍ୟବସ୍ଥା କରିବାକୁ କହିଥିଲେ । କଂଗ୍ରେସର ଏହି ପଦକ୍ଷେପକୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ପରୋକ୍ଷରେ ସମାଲୋଚନା କରିଥିଲେ । ଏହା ବିଜେପିକୁ ଗାଦିଚ୍ୟୁତ କରିପାରି ନଥିଲେ ମଧ୍ୟ ଲୋକସଭାରେ ମୋଦୀଙ୍କ ଆସନ ସଂଖ୍ୟା ହ୍ରାସ କରିବାରେ ସଫଳ ହୋଇଥିଲା । ତେବେ ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାର ମାତ୍ର ୨ ବର୍ଷ ଭିତରେ ଇଣ୍ଡି ମେଣ୍ଟ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ପରେ ଭାଙ୍ଗି ଯାଇଥିବା ପରି ମନେ ହେଉଛି । ସବୁଠୁ ବଡ଼ ଫାଟ କଂଗ୍ରେସ ଓ ଡିଏମକେ ମଧ୍ୟରେ ଦେଖାଯାଇଛି ।

### ପାକିସ୍ତାନ-ୟୁଏଇ...

ଫଳସ୍ୱରୂପ, ଏପ୍ରିଲ ୨୦୨୬ରେ ପାକିସ୍ତାନ ସାଉଦି ଆରବରୁ ମିଳିଥିବା ଆର୍ଥିକ ସହାୟତା ବ୍ୟବହାର କରି ୟୁଏଇକୁ ଏହି ବିପୁଳ ଋଣ ପରିଶୋଧ କରିବାକୁ ବାଧ୍ୟ ହୋଇଛି । ପାକିସ୍ତାନର ସାଉଦି ଆରବ ପ୍ରତି ବଢୁଥିବା ଘନିଷ୍ଠତା ଓ ଇରାନ ବିବାଦରେ ଏହାର ଭୂମିକା ଯୋଗୁଁ ଆବୁଧାବି ଏବେ 'ମାଗଣା ସାହାଯ୍ୟ' ବଦଳରେ କଠୋର ନୀତି ଆପଣେଇଛି ।

ରବିବାର, ମଇ ୧୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆନ୍ତର୍ଜାତୀୟ ନର୍ସିଂ ଦିବସ ଉପଲକ୍ଷେ ରକ୍ତଦାନ ଶିବିର: ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ

ବାରିପଦା, ୦୯/୫ (ନି.ପ୍ର): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଏସୋସିଏସନଙ୍କ ମିଳିତ ସହଯୋଗରେ ବ୍ଲଡ ବ୍ୟାଙ୍କ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଲେଜର ଅଧୀକ୍ଷକ ଡା.ବ୍ରଜକିଶୋର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧନୁର୍ଜୟ ମହାନ୍ତ, ଡା. ବିଜୟ ଦାସ ମିଳିତ ଭାବେ ଉଦଘାଟନ କରିଥିଲେ. ଶିବିରରେ ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠି, ଗୌରବ ମୋଦି, ନର୍ସିଂ ଅଧୀକ୍ଷକ କଳ୍ପନା ବେହେରା, ମାଳତୀମଣି ଦେଇ, ଉଷା ମଣି ସେଠୀ, ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏସନ ର ସଭାପତି ଶୁଭସ୍ମିତା ମହାପାତ୍ର, ସାଧାରଣ ସମ୍ପାଦକ ତୃପ୍ତିମୟୀ ଦାସ, ସମ୍ପାଦକ ଜ୍ୟୋତି ପ୍ରକାଶ ଭୁଜବଳ, ସଂଖାଳିଧର ଭଗର୍ତି, ସଚିନ ସାହୁ କନକ ବେହେରା, ଲକ୍ଷ୍ମୀ ବାସ୍କେ, ପ୍ରତିଭା ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୪ ଜଣ ମହିଳାଙ୍କ ସମେତ ମୋଟ ୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର କେନ୍ଦ୍ରର ଅଧିକାରୀ ଡ଼ା ନିଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରଭାସିନୀ ବେହେରା, କରୁଣାକର ଜେନା ଓ ପାର୍ଥସାରଥୀ ମହାନ୍ତ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



# ଉମାକାନ୍ତ ସାରଙ୍କ ଶୋକ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ

ଉଦଳା, ୦୯/୫ (ନି.ପ୍ର): ଅଦ୍ୟ ଶନିବାର ସକାଳ ଆଠ ଘଟିକା ସମୟରେ ନୁଦଡ଼ିହାସ୍ଥିତ ଲାଲବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଉମାକାନ୍ତ ସୁଦେବୀ ମହାପାତ୍ରଙ୍କ ଆବର୍ତମାନରେ ପୁରାତନ ଶିକ୍ଷାର୍ଥିମାନଙ୍କ ଦ୍ୱାରା ଶୋକ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ମହାପାତ୍ର ୧୯୭୪ ମସିହାରୁ ସଂସ୍କୃତ ଶିକ୍ଷକ ଭାବରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରି ୨୦୧୧ ମସିହାରେ ଅବସର ଗ୍ରହଣ କରିଥିଲେ । ଦୀର୍ଘ ୩୭ ବର୍ଷର ଶିକ୍ଷାଦାନ ଶୈଳୀର ଚମ୍ତକାରିତା ଏବେ ମଧ୍ୟ ସମସ୍ତ ପୁରାତନ ଶିକ୍ଷାର୍ଥିଙ୍କ ଜୀବନ ଜୀବିକାର ନିର୍ଯ୍ୟାସ ଭିତରେ ପ୍ରତିଫଳିତ । କ୍ରୋଧିତ ହେବା ପରିବର୍ତେ ଉତ୍ତମ ଦିକ୍‌ଦର୍ଶନହିଁ ଶିକ୍ଷାର୍ଥିଙ୍କ ପାଇଁ ପ୍ରେରଣାର ଉତ୍ସଥିଲା । ୧୯୫୩ ମସିହା ଡ଼ିସେମ୍ବର ମାସ ୨୧ ତାରିଖରେ ନୁଦଡ଼ିହା ଗ୍ରାମରେ ଜନ୍ମ ଗ୍ରହଣ କରି ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟରୁ ମେଟ୍ରିକ, ବାରିପଦାସ୍ଥିତ ସରକାରୀ ସଂସ୍କୃତ ମହାବିଦ୍ୟାଳୟରୁ ଉପଶାସ୍ତ୍ରୀ, ସୋର କେଦାରପୁରସ୍ଥିତ ସଂସ୍କୃତ ମହାବିଦ୍ୟାଳୟରୁ ଶାସ୍ତ୍ରୀ ଓ ଆଚାର୍ଯ୍ୟ ଡ଼ିଗ୍ରୀ ଲାଭ କରିବା ପରେ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ, ନୁଦଡ଼ିହାରୁ ଶିକ୍ଷକତା ଜୀବନ ଆରମ୍ଭକରିଥିଲେ । ଅବସରଗ୍ରହଣ ପରେ ମନ୍ଦିର ଓ ବିଭିନ୍ନ ପୂଜା ପାର୍ବଣରେ ମଣ୍ଡପମାନଙ୍କରେ ପୂଜାପାଠ କରି ବହୁ ପ୍ରଶଂସା ସାଉଁଟିଛନ୍ତି । ସେଜଣେ ଉତ୍ତମ ଚରିତ୍ରବାନ, ନିଷ୍ପାପର, ସାଧୁ, ସଚ୍ଚୋଟ, ସମୟାନୁବର୍ତୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର ଅବର୍ତମାନରେ ସମସାମୟିକ ଶିକ୍ଷକବନ୍ଧୁ ଗଣନାଥ ମହାନ୍ତି, ପ୍ରଫୁଲଚନ୍ଦ୍ର ମହାଳିକ, ସୁଧାଂଶୁ କୁମାର ଦାଶ, ଗୌରଚନ୍ଦ୍ର ଦାସ ପ୍ରଭୃତି ତାଙ୍କରକର୍ତବ୍ୟନିଷ୍ଠତାର ଗୁଣଗାନ କରିଥିଲେ । ପୁରାତନ ଶିକ୍ଷାର୍ଥି ଭୋଳାନାଥ ସାହୁ, ବିଦ୍ୟାଧର ଜେନା, ଅଚ୍ୟୁତାନନ୍ଦ ମହାନ୍ତି, ସର୍ବେଶ୍ୱର ରାଉତ, ମନୋରଂଜନ ମଲିକ, ଗଜେନ୍ଦ୍ରନାଥ ବେହେରା, ସୁଦର୍ଶନ ରାଉତ, ଯୋଗେନ୍ଦ୍ର ମହାନ୍ତି, ସତ୍ୟପଲତା ଓ ଅନ୍ୟାନ୍ୟ ବହୁ ଶିକ୍ଷାର୍ଥି ନିଜସ୍ୱ ଛାତ୍ରଜୀବନର ଶିକ୍ଷକଙ୍କ ସ୍ମୃତି ବଖାଣିଥିଲେ । ସଭାକାର୍ଯ୍ୟର ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍ ?ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ତାଙ୍କର ଫଟୋଚିତ୍ରରେ ଧୂପ, ପୁଷ୍ପ ଓ ଚନ୍ଦନ ସମର୍ପଣ ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୁରାତନ ଛାତ୍ର ଭୋଳାନାଥ ସାହୁ ସଭାକାର୍ଯ୍ୟର ସଂଯୋଜନା କରିଥିଲେ । ସମସ୍ତ ଶିକ୍ଷାର୍ଥି ତାଙ୍କର ଆକସ୍ମିକ ମୃତ୍ୟୁରେ ମ୍ରିୟମାଣ ହୋଇ ପଡ଼ିଥିଲେ । ୭୩ ବର୍ଷ ବୟସରେ ମଧ୍ୟ ତାଙ୍କର ଯୁବସୁଲଭ ମନୋଭାବ ଓ ମନୋଭାବ ଓ କାର୍ଯ୍ୟାବଳୀ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।



# ବାରିପଦାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ- ୨୦୨୬

ବାରିପଦା , ୦୯/୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୮୭୯୦ ଟି ମାମଲା ମଧ୍ୟରୁ ୨୪୯୭ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୧,୭୧,୩୬,୩୭୯ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ପର୍କିତ ୫୨୨୦ ଗୋଟି ମାମଲା ମଧ୍ୟରୁ ୩୫୩ ଟି ମାମଲା ଅପୋଷ ବିଚାର ହୋଇ ୧,୦୩,୬୮,୪୮୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣା ପଡ଼ିଛି । ସେହିପରି ବକେୟା ଥ?ିବା ବିଭିନ୍ନ ଶ୍ରେଣୀଭୁକ୍ତ ୩,୫୭୦ ଗୋଟି ମାମଲା ମଧ୍ୟରୁ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ୮୪ ଟି ମଧ୍ୟରୁ ୩ ଟି, ଏନ. ଆଇ. ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୪୦ ଟି ମାମଲା ମଧ୍ୟରୁ ୨୬ ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୧୫୦ ଟି ରୁ ୯ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୮୮ ଟି ରୁ ୧ ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୦୨ ଟି ମାମଲା ମଧ୍ୟରୁ ୫୩ ଟି, ରାଜସ୍ୱ ମାମଲା ୨୪୮୮ ଟି ମଧ୍ୟରୁ ୧୯୬୭ ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୫୨ ଟି ମଧ୍ୟରୁ ୪୩ ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୯୩ ଟି ମଧ୍ୟରୁ ୪୧ ଟି ମିଶାଇ ମୋଟ ୨୪୯୭ ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୧ ଲକ୍ଷ ୩୬ ହଜାର ୩୭୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀ ସୁମନ କୁମାର ମିଶ୍ର , ପରିବାର ଅଦାଲତ ଜଜ ଶ୍ରୀମତୀ ପ୍ରଜ୍ୟୋତି ରାଉତ, ଚିଫ ଜୁଡିଶିୟାଲ ମାଜିଷ୍ଟ୍ରେଟ ଶ୍ରୀ ଦେବାଶିଷ ମହାନ୍ତି, ରେଜିଷ୍ଟ୍ରାର ଶ୍ରୀମତୀ ଶୃତିସ୍ମିଗ୍ଧା ଦାସ , ସିନିୟର ସିଭିଲ୍ ଜଜ ଶ୍ରୀମତୀ ସତରୂପା ଶତପଥୀ , ଅତିରିକ୍ତ ସିନିୟର ସିଭିଲ୍ ଜଜ ଶ୍ରୀ ସୂର୍ଯ୍ୟ ଦାସ, ଦିତୀୟ ଅତିରିକ୍ତ ସିନିୟର ସିଭିଲ୍ ଜଜ ଡ଼ ନିଶାକର ସାହୁ , ଏସ.ଡି.ଜେ.ଏମ. ଶ୍ରୀମତୀ ଜୁଓ୍ୱେଲ ପଟ୍ଟନାୟକ, ଜେ.ଏମ.ଏଫ.ସି-୧ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି କୁମାରୀ ମଧୁଶ୍ରବା ମହାନ୍ତି, ଜେ.ଏମ.ଏଫ.ସି ନିକିଶା ପଟ୍ଟନାୟକ, ଜେ.ଏମ.ଏଫ.ସି (ଏଲ୍.ଆର ଓ ଏଲ୍.ଟି.ଭି) ଶ୍ରୀ ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ଶ୍ରୀ ଉମାକାନ୍ତ ରାଉତ, ଆଇନଜୀବୀ ଶ୍ରୀ ତାପସ କୁମାର ଦତ୍ତ, ଶ୍ରୀ ସତ୍ୟ ନାରାୟଣ ବେହେରା, ଶ୍ରୀ କମଳ କୁମାର କୁଆଁରବାବୁ, ଶ୍ରୀ ଧିରେନ୍ଦ୍ର କୁମାର ମହାପାତ୍ର ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ଜାତୀୟ ପଂଚାୟତ ପୁରସ୍କାର ୨୦୨୫ ଘୋଷଣା

ନୂଆଦିଲ୍ଲୀ, ୦୯/୫ (ନି.ପ୍ର): ଭାରତ ସରକାରଙ୍କ ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଂଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି । ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଂଚାୟତକୁ ମନୋନୀତ କରାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ । ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଂଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଂଚାୟତ ବିକାଶ ପୁରସ୍କାର ଦିଆଯିବ । ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଂଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ । ସେହିପରି ଶ୍ରେଷ୍ଠ ଜିଲ୍ଲା ପଂଚାୟତ, ଶ୍ରେଷ୍ଠ ବ୍ଲକ୍ ପଂଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଂଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଂଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବିଜେତା ପଂଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରାଯିବ । ଜାତୀୟ ପଂଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଂଚାୟତ ସୁସ୍ଥ ପଂଚାୟତ ଭାବେ ପୁରସ୍କୃତ ହେବାକୁ ମନୋନିତ ହୋଇଛି।

# ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୦୯/୫ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକାରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ। କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନା ଅଧ୍ୟକ୍ଷତା କରିଥିବା ବେଳେ ଜ଼ିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି ଲୋକ ଅଦାଲତ କୁ ପରିଚାଳନା କରିଥିଲେ । ମୋଟ (ଦୁଇ କୋଟି ଛୟାଅଶି ଲକ୍ଷ ଚଉରାଳିଶ ହଜାର ସତଷଠି)ଟଙ୍କାରେ ୮୩୮ (ଆଠଶହ ଅଡତିରିଶି)ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇ ଥିଲା। ସେଗୁଡିକ ମଧ୍ୟରେ ପ୍ରାକ ମୋକଦ୍ଦମା ସ୍ତରରେ ୭୩୯୯୦୦୨ (ତେସ୍ତରି ଲକ୍ଷ ଅନେଶତ ହଜାର ଦୁଇ) ଟଙ୍କାରେ ୩୮୨ (ତିନିଶହ ବୟାଅଶି)ଟି ଏବଂ ମୋଟ ୨୧୨୪୫୩୬୪ (ଦୁଇକୋଟି ବାରଲକ୍ଷ ପଇଁଚାଳିଶହଜାର ତିନିଶହ ଚଉଷଠି) ଟଙ୍କାରେ ୪୫୬ (ଚାରିସହ ଛପନ)ଟି ବିଚାରଧିନ ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୧୪ ଟି ମାମଲାର ୧୧୦୭୩୦୦୦ ଟଙ୍କାରେ, ୩୯ ଟି ଚେକ ବାଉନ୍ସ ପୁନଃରୁଦ୍ଧାର ମାମଲା ୭୧୯୭୩୨୪ ଟଙ୍କାରେ, ୨୩ ଟି ବୈବାହିକ ବିବାଦ, ୮୨ ଟି ରାଜସ୍ୱ ମୋକଦ୍ଦମା, ୨୭ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୧୩୬ ଟି ବ୍ୟାଙ୍କ ଋଣ ମାମଲା ୪୩୮୦୮୩୩ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ ର ଟେଲିଫୋନେ ବିଲ ସମ୍ବନ୍ଧୀୟ ୬ ଟି ମାମଲା ୧୦୨୦୦ ଟଙ୍କାରେ, ବିଦ୍ୟୁତ୍ ବିଭାଗ ର ୧୫୫ଟି ମାମଲା ୨୭୦୦୦୦୦ ଟଙ୍କାରେ , ୨୬ ଟି ବକେୟା ଟ୍ରାଫିକ ଚାଲାଣ ୧୬୮୬୪୦ଟଙ୍କକ୍ଷ ରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ଅଛି।



# ଅବକାରୀ ବିଭାଗର ଚଢ଼ାଉ: ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

ବାରିପଦା, ୦୯/୫ (ନି.ପ୍ର): ବାରିପଦା ସଦର ଅବକାରୀ ବିଭାଗ ପକ୍ଷରୁ ମହୁଲିଆ ଅଞ୍ଚଳରେ ଏକ ବଡ଼ ଧରଣର ଚଢ଼ାଉ କରାଯାଇ ପ୍ରାୟ ୫୦୦୦ ଲିଟରରୁ ଅଧିକ ବେଆଇନ ମଦ ଓ ପୋଚ ଜବତ କରାଯାଇଛି। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ବାରିପଦା ସଦର ଅବକାରୀ ଥାନା ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ମହୁଲିଆ ଗ୍ରାମରେ ଚଢ଼ାଉ କରିଥିଲେ। ଏହି ସମୟରେ ବୈଦ୍ୟନାଥ ସିଂ (୩୫), ପିତା- ସ୍ୱର୍ଗତ ଛତ୍ରାୟ ସିଂଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ତାଙ୍କ ପାଖରୁ ୨୬ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏନେଇ କେସ ନମ୍ବର ୩୫/୨୦୨୬ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଏକ ଚଢ଼ାଉ ବେଟନୋଟୀ ଥାନା ଅନ୍ତର୍ଗତ ମହୁଲିଆ ଅଞ୍ଚଳରେ କରାଯାଇଥିଲା। ଏହି ଚଢ଼ାଉ ବେଳେ ମଦ ମାଫିଆମାନେ ଫେରାର ହୋଇଯାଇଥିଲେ ମଧ୍ୟ ସେଠାରୁ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ଯେଉଁଥିରେ ୩୯୦ ଲିଟର ଦେଶୀ ରନ୍ଧା ମଦ, ୪,୯୫୦ ଲିଟର ପୋଚ ଜବତ କରାଯାଇଛି। ଏହି ଦୁଇଟି ଚଢ଼ାଉକୁ ମିଶାଇ ସମୁଦାୟ ୪୧୬ ଲିଟର ମଦ ଏବଂ ୪,୯୫୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ସଦର ଅବକାରୀ ଓଆଇସି ପ୍ରହଲ୍ଲାଦ ବିଶ୍ୱାଳଙ୍କ ସମେତ କନେଷ୍ଟବଳ ହେମନ୍ତ କୁମାର ପାତ୍ର, ଦେବରାଜ ସାହୁ, ସଞ୍ଜୀବ ମହାପାତ୍ର, ଅମ୍ବିକା ପ୍ରସାଦ ନାୟକ, ରଞ୍ଜିତ ସାରଙ୍ଗୀ ଏବଂ ସମୟ ହାଁସଦା ପ୍ରମୁଖ ସାମିଲ ଥିଲେ।



# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ



ଖୋର୍ଦ୍ଧା , ୦୯/୫ (ନି.ପ୍ର): ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ର ଅଧକ୍ଷା ଡକ୍ଟର ପୂର୍ଣିମା ନାୟକ ଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ରେଡ଼କ୍ରସ କୁ ନେଇ ତାଙ୍କର ଅନୁଭୂତି ବଖାଣିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁବୋଧ ଜଗଦେବ ରେଡ଼କ୍ରସ ସମ୍ବନ୍ଧରେ ଏକ ତଥ୍ୟ ଭିତ୍ତିକ ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ରେଡ଼କ୍ରସ ର ଗବେଷକ ଡକ୍ଟର ଏସ.କେ କଲାମୁଲ୍ଲା ସାହେବ ଯୋଗଦେଇ ବିଶ୍ୱରେ ରେଡ଼କ୍ରସ ର ଭୂମିକା ଏବଂ ରେଡ଼କ୍ରସ ର ସ୍ୱେଚ୍ଛାସେବୀ ଓ ସେବିକା ମାନଙ୍କ ନିସ୍ୱାର୍ଥ ସେବା ମନୋଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାର ଆବାହକ ପ୍ରଫେସର ପ୍ରଫୁଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମଂଚାସୀନ ଅତିଥିମାନେ ରେଡ଼କ୍ରସ ର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପ୍ରତିଶ୍ରୁତି ଅନୁଯାୟୀ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ହେବାକୁ ଥିବା କୁଡ଼ିଆବାସୀଙ୍କୁ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ କ୍ଷତିପୂରଣ ପ୍ରଦାନ ଆରମ୍ଭ

ରାଉରକେଲା, ୦୯/୫ (ନି.ପ୍ର): ପ୍ରତିଶ୍ରୁତି ଅନୁଯାୟୀ, ରାଉରକେଲା ଇସ୍ପାତ କାରଖାନା, ତାର ଗ୍ରୀନଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆରଏସପି ଅଞ୍ଚଳରୁ ସ୍ଥାନାନ୍ତରିତ ହେବାକୁ ଥିବା କୁଡ଼ିଆବାସୀଙ୍କୁ ଆର୍ଥିକ ସହାୟତା ବାବଦରେ ଚେକ୍ ହସ୍ତାନ୍ତର କରିବା ଆରମ୍ଭ କରିଛି । ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲିଥିବା ଥଇଥାନ ଏବଂ କ୍ଷତିପୂରଣ ପ୍ରକ୍ରିୟାର ଅଂଶସ୍ୱରୂପ, ୨୦୨୬ ମେ ୯ ତାରିଖ ଦିନ କାଟେ ବସ୍ତିର ହିତାଧିକାରୀମାନଙ୍କୁ ୬ଟି ଚେକ୍ ପ୍ରଦାନ କରାଯାଇଛି। ଆରଏସପି ଅଧିକାରୀ, ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ ଏବଂ ହିତାଧିକାରୀଙ୍କ ଉପସ୍ଥିତିରେ ଏହି ଚେକ୍ ବଣ୍ଟନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏହି ପଦକ୍ଷେପ ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ପରିବାରମାନଙ୍କୁ ଉପଯୁକ୍ତ ଥଇଥାନ ସହାୟତା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଦିଗରେ ଆରଏସପିର ନିଷ୍ଠାକୁ ପ୍ରତିଫଳିତ କରୁଛି। ଅନୁମୋଦିତ କ୍ଷତିପୂରଣ ଢାଞ୍ଚା ଅନୁଯାୟୀ, ପ୍ରତ୍ୟେକ ଯୋଗ୍ୟ ପରିବାର ମୋଟ ୫,୧୬,୬୨୦ ଟଙ୍କାର ଆର୍ଥିକ ସହାୟତା ପାଇବେ । ଗୋଟିଏ କୁଡ଼ିଆରେ ରହୁଥିବା ପରିବାର ସଂଖ୍ୟା ନିର୍ଦ୍ଧାରିତ ସରକାରୀ ନିୟମ ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ସ୍ଥିର କରାଯାଏ। ସେହି ଅନୁସାରେ, ଯେଉଁ କ୍ଷେତ୍ରରେ ଗୋଟିଏ କୁଡ଼ିଆ ଘରେ ତିନୋଟି ପରିବାର ବାସ କରୁଛନ୍ତି, ସେଠାରେ ସମୁଦାୟ କ୍ଷତିପୂରଣ ପରିମାଣ ୧୫,୪୯,୮୬୦ ଟଙ୍କା ପ୍ରଦାନ କରାଯିବ । ପ୍ରତ୍ୟେକ କୁଡ଼ିଆ ବଦଳରେ ୬୫୦ ବର୍ଗଫୁଟର ଏକ ବିକଶିତ ଓ ପ୍ଲଟ୍ କରାଯାଇଥିବା ଜମି ପ୍ରଦାନ କରାଯିବ। ପ୍ଲଟ୍ କରାଯାଇଥିବା ଜମିରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହା ବ୍ୟତୀତ, ପ୍ରତ୍ୟେକ ପ୍ରଭାବିତ କୁଡ଼ିଆରୁ ଜଣେ ସଦସ୍ୟଙ୍କୁ ସ୍ଥାପନ ପର୍ଯ୍ୟାୟ ଏବଂ ପରବର୍ତ୍ତୀ କାର୍ଯ୍ୟ ସମୟରେ ନୂତନ ପ୍ଲାଣ୍ଟରେ ଆଉଟସୋର୍ସିଂ କାର୍ଯ୍ୟରେ ସ୍ୱତନ୍ତ୍ର ନିୟୋଜିତ ପାଇଁ ବିବେଚନା କରାଯିବ । ଆର ଏସ ପି ଏପରି ବ୍ୟକ୍ତିମାନଙ୍କର ନିରନ୍ତର ନିୟୋଜନ ନିଶ୍ଚିତ କରିବ। ପ୍ରତ୍ୟେକ ଶ୍ରମିକଙ୍କୁ ସମୟ ସମୟରେ ସଂଶୋଧନ ସହିତ ସର୍ବନିମ୍ନ ମାସିକ ୨୦,୬୫୭/- ଟଙ୍କା ମଜୁରୀ (ବୋନସ୍ ଏବଂ ଛୁଟି ଦରମା ସମେତ) ମିଳିବ। ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇ ଏସ ଆଇ ଚିକିତ୍ସା ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ। ଅଧିକନ୍ତୁ, ପ୍ରଭାବିତ ପରିବାରଗୁଡ଼ିକୁ ସର୍ବାଧିକ ୬ ମାସ ପାଇଁ କିଛି ନିୟମ ଓ ସର୍ତ୍ତ ସହିତ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇ ସାରିଛି, ଯାହାଫଳରେ ସେମାନେ ସେମାନଙ୍କର ବର୍ତ୍ତମାନର କୁଡ଼ିଆରୁ ସ୍ଥାନାନ୍ତରିତ ହେବା ପରେ ତୁରନ୍ତ ସେଠାରେ ରହିପାରିବେ।



# ନୀଳଗିରି ନଗରମଣ୍ଡଳ ତରଫରୁ ଜନଆକ୍ରୋଶ ମହିଳା ପଦଯାତ୍ରା

ନୀଳଗିରି, ୦୯/୫ (ନି.ପ୍ର): ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନୀଳଗିରି ନଗରମଣ୍ଡଳ ତରଫରୁ ଭାରତୀୟ ଜନତାପାର୍ଟି ପକ୍ଷରୁ ନୀଳଗିରି ସହରରେ ଜନଆକ୍ରୋଶ ମହିଳାପଦଯାତ୍ରା ଅପରାହ୍ନ ୪.୩୦ ମିନିଟ ସମୟରେ ଆରମ୍ଭ ହୋଇଥିବା ବେଳେ ଡାକବଙ୍ଗଳା ପରିସରରେ ସନ୍ଧ୍ୟା ୫ଘଟିକା ସମୟରେ ଏକ ମହିଳାସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ଇଣ୍ଡିମେଣ୍ଟର ମହିଳା ବିରୋଧୀ ମାନସିକତା ବିରୋଧରେ ନୀଳଗିରିର ଶତାଧିକମହିଳା ରାଜରାସ୍ତାକୁ ଓହ୍ଲାଇଥିଲେ। ପ୍ରତିବାଦ ସ୍ୱରୂପ ନୀଳଗିରି ମେଡିକାଲ ଛକଠାରୁ ମହିଳାମାନେ ନାରାବାଜିକରି ଏକ ପଦଯାତ୍ରାରେ ବାହାରି ନୀଳଗିରି ଦୁର୍ଗମଣ୍ଡପ ଠାରେ ପହଞ୍ଚିଥିଲେ। ସେଠାରେ ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାରରେ ବାଧକ ସୃଷ୍ଟିକରୁଥିବା ଇଣ୍ଡି ମେଣ୍ଟର ପ୍ରମୁଖ ନେତା ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ, ଅଖିଳେଶ ଯାଦବ, ମମତା ବାନାର୍ଜି, ମଲିକାର୍ଜୁନ ଖଡ଼ଗେ ପ୍ରମୁଖ ବିରୋଧୀମେଣ୍ଟର ଅନ୍ୟାନ୍ୟ ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ନୀଳଗିରି ଡାକବଙ୍ଗଳା ପରିସରରେ ପହଞ୍ଚି ୫ ଘଟିକା ସମୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମହିଳାମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ନୀଳଗିରି ମହିଳାମୋର୍ଚ୍ଚାର ସମସ୍ତ ସଦସ୍ୟାଙ୍କ ସହ ଦଳର ଶତାଧିକ ମହିଳାମାନଙ୍କର ସମାଗମ ଦେଖିବାକୁ ମିଳିଥିଲା ।

# ଛତିଶଗଡ଼ର ଅବୁଝମାଡର ଜଙ୍ଗଲରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ

ନୂଆଦିଲ୍ଲୀ,୦୯/୫ : ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଅବୁଝମାଡର କୋହକାମାଡ ଥାନା ଅଂଚଳ ଅନ୍ତର୍ଗତ ଟୋକେ ଉପରପାରା ଗାଁର ଜଙ୍ଗଲରେ ତଲାସି ସମୟରେ ବିଏସଏଫ କର୍ମଚାରୀମାନେ ବନ୍ଧୁକ, ଗୁଳି ଏବଂ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି। ନାରାୟଣପୁର ପୋଲିସ ସୁପରିଟେଣ୍ଡେଂଟ ଏହା ନିଶ୍ଚିତ କରିଛନ୍ତି। ନାରାୟଣପୁର ପୋଲିସ ଅଧିକ୍ଷକ ରବିନସନ ଗୁଡିଆ ଶନିବାର ଏହା ନିଶ୍ଚିତ କରି କହିଛନ୍ତି ଯେ ସଠିକ୍ ଗୁପ୍ତ ସୂଚନା ଆଧାରରେ, ୧୩୫ତମ ବାଟାଲିୟନ ସୀମା ସୁରକ୍ଷା ବାହିନୀର ସୈନିକମାନେ ଶୁକ୍ରବାର ଦିନ ଟୋକେ ଉପରପାରା ଗ୍ରାମର ଘନ ଜଙ୍ଗଲରେ ଡିମାଇନିଂ ଏବଂ ସର୍ଚ୍ଚ ଅପରେସନ ସମୟରେ ଏକ ସର୍ଚ୍ଚ ଅପରେସନ କରିଥିଲେ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida